# ପଞ୍ଚମ ଅଧ୍ୟାୟ

## ବାଥୁଡ଼ି ପ୍ରବାଦ ପ୍ରବଚନ
## ଭଗଭମାଲି, ନୁଁାଦିଆ

# ପ୍ରବାଦ

ପ୍ରବାଦ ସହ ବ୍ୟକ୍ତିର ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବେଳେବେଳେ ଅନ୍ୟ ଗୋଷ୍ଠୀ, ଅନ୍ୟ ଭାଷା ଓ ଅନ୍ୟ ଅଞ୍ଚଳରୁ ପ୍ରବାଦଗୁଡ଼ିକ ଆସିଯାଇ ମାଟିପାଣି ପବନରେ ଏପରି ମିଶିଯାଇଥାଏ ଯେ, ତାକୁ ସେହି ଗୋଷ୍ଠୀ ନିଜର ବୋଲି ଦାବି କରନ୍ତି। ତେଣୁ ପ୍ରବାଦ କାହାରି ନିଜସ୍ୱ ସୃଷ୍ଟି ନୁହେଁ। ଏଗୁଡ଼ିକ ସତ୍ୟମୂଳକ ଉକ୍ତି ବା ସତ୍ୟବଚନ ଉପରେ ଆଧାରିତ ହୋଇଥାଏ। ଏହା ପରମ୍ପରାଗତ ଅଭିଜ୍ଞତାଭିତ୍ତିକ ଗୂଢ଼ ଚେତାବନୀ ବା ଉପଦେଶ ହୋଇଥାଏ। ପ୍ରବାଦ ପଦ୍ୟାତ୍ମକ ହୋଇ ରୂପକ ଭାବରେ ସଂକ୍ଷିପ୍ତ ଓ ସିଧାସଳଖ ମଣିଷ ମନରେ ଜମାଟ ବାନ୍ଧେ। ଏଥିରେ କଥା ସମ୍ବଳିତ ଉକ୍ତି ବା କାହାଣୀ ବଚନ ରହିଥାଏ। ଜନଶ୍ରୁତି, କିମ୍ବଦନ୍ତୀ ବା କଥା ସମ୍ବଳିତ ଉକ୍ତି ଦ୍ୱାରା ଏହା ସମୃଦ୍ଧ।

'ପ୍ରବାଦ' ଶବ୍ଦଟି 'ପ୍ର' ଉପସର୍ଗ ବାଦ୍ ଧାତୁରେ 'ଅ' ପ୍ରତ୍ୟୟ ଯୋଗ ହୋଇ ସୃଷ୍ଟି ହୋଇଛି। ଯାହାର ଅର୍ଥ ପ୍ରକୃଷ୍ଟ ବିଚାର, ମତ, ବାକ୍ୟ ବା କଥନ। 'Adage' ଗ୍ରୀକ୍ ଶବ୍ଦ 'Adagium' ଶବ୍ଦରୁ ଆସିଛି। ଯାହାର ଅର୍ଥ ଯେଉଁ ନୀତିବାକ୍ୟ ଲୋକ ସମାଜରେ ପ୍ରଚଳିତ।

ପ୍ରବାଦ ଲୋକ ସମାଜରେ ପ୍ରଚଳିତ ହୋଇ ଦୈନନ୍ଦିନ କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଏହା ଅନେକାଂଶରେ ଐତିହାସିକ, ରାମାୟଣ, ମହାଭାରତର କଥାବସ୍ତୁକୁ ନେଇ ଆଧାରିତ ହୋଇଥାଏ ଓ ତାକୁ ନିଜ ଗୋଷ୍ଠୀ, ଜାତି ନିଜ ଭାଷାରେ ପରିବର୍ତ୍ତିତ କରି କୁହେ, କିନ୍ତୁ କାହାଣୀ ସମାନ ନଥାଏ। ବୌଦ୍ଧିକ ବିକାଶ, ସଂସ୍କୃତିକୁ ବାନ୍ଧି ରଖିବାର ସୂତ୍ର, ପିଢ଼ିରୁ ପିଢ଼ିକୁ ଜାଣିବାର ଆଗ୍ରହ ଏହି ପ୍ରବାଦ ଦ୍ୱାରା ସମ୍ଭବ ହୋଇଥାଏ। କୈଳାଶ ପଟ୍ଟନାୟକଙ୍କ ମତରେ – "ପ୍ରବାଦ ପ୍ରବଚନ ଗୁଡ଼ିକ କେବଳ ଲୋକ ମୁଖରେ ସଂରଚିତ ହୋଇ ବଞ୍ଚି ରହେ ନାହିଁ। ସାର୍ବଜନିନ ସତ୍ୟଧର୍ମିତା ପାଇଁ ଏହା ଗ୍ରାମ ଓ ଜନପଦ ଆଦିରେ ବିସ୍ତାରିତ ହୋଇ ଗୋଟିଏ ଜାତିର ସମ୍ପତ୍ତିରେ ରୂପାୟିତ ହୋଇଥାଏ।''[୧]

କେହି କେହି ପ୍ରବାଦ ବହିରାଗତ ଓ ମୌଳିକ ପ୍ରବାଦ ହିସାବରେ ଗ୍ରହଣ କରୁଥିଲେ ବି ଆଉ କେହି ପଦ୍ୟ ଓ ଗଦ୍ୟ ରୂପରେ ଦୁଇ ଭାଗରେ ବିଭକ୍ତ କରିଥା'ନ୍ତି। ଓଡ଼ିଆରେ ଅନେକ ପ୍ରବାଦ ଦୃଷ୍ଟିଗୋଚର ହୋଇଥାଏ। ଯଥା:-

କ) ଝିମିଟି ଖେଳରୁ ମହାଭାରତ

ଖ) ତିରିଲା ବୁଦ୍ଧିରେ ମହାପ୍ରଭୁ ଖଣ୍ଡିଆ

ଗ) ବଂଶମରା ଡାହୁକ।

ଘ) ବ୍ରହ୍ମ ବିଳିବିଳେଇଲେ ବେଦ।

ଏହିପରି ଅନେକ ପ୍ରବାଦ ଗାଁ ଠାରୁ ସହର ପର୍ଯ୍ୟନ୍ତ ପ୍ରଚଳିତ ଅଟେ। ଯେଉଁ ଗୁଡ଼ିକ ସେହିପରି ପରିବେଶ ଓ ପରିସ୍ଥିତିର ଆବଶ୍ୟକତା ଦୃଷ୍ଟିରୁ ତାକୁ ବ୍ୟବହାର କରେ। ବାଥୁଡ଼ି ପ୍ରବଣ ଅଞ୍ଚଳରେ ମଧ୍ୟ ଏହି ପ୍ରବାଦଗୁଡ଼ିକର ଆଦର ଅଧିକ।

ପ୍ରବଚନ, ନାଁ ଦିଆ, ଢଗଢମାଳି ପରି ବାଥୁଡ଼ି ପ୍ରବାଦଗୁଡ଼ିକ ଓଡ଼ିଆ ଭାଷାରୁ ହିଁ ଆନୀତ, ଯେଉଁଥିପାଇଁ ଏହାକୁ ସ୍ଥାନିତ କରିବାକୁ ଉଚିତ୍ ମନେ କରାଯାଇ ପାରିନି।

ବିଷୟବସ୍ତୁର ସୁବିଧା ଦୃଷ୍ଟିରୁ ପ୍ରବାଦକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ। ଯଥା:-

୧) ପୁରାଣ କଥା ଭିତ୍ତିକ ପ୍ରବାଦ

୨) ଇତିହାସ, କାହାଣୀ, କିମ୍ବଦନ୍ତୀ ଆଧାରିତ ପ୍ରବାଦ

୩) ଲୋକବିଶ୍ୱାସ ମୂଳକ ପ୍ରବାଦ

୪) ଧର୍ମ ସମ୍ବନ୍ଧୀୟ ପ୍ରବାଦ

୫) ଲୋକକଥା ଭିତ୍ତିକ ପ୍ରବାଦ

**ବାଥୁଡ଼ି ପ୍ରବାଦ ଗୁଡ଼ିକ ଯଥା:-**

**ସଜ ହେଉ ହେଉ ପେଚା ରଜା :**

କୌଣସି ଗନ୍ତବ୍ୟ ସ୍ଥାନକୁ ଗମନ କରିବାର ଥିଲେ, ଜଣେ ସଜେଇ ହେବାକୁ ଅଧିକ ସମୟ ନେଲେ, ଆଉ ଜଣକ ଏହି ଉକ୍ତିଟି ବ୍ୟବହାର କରିଥାଏ। ଅର୍ଥାତ୍ ଏପଟେ ସଜ ହେଉ ହେଉ ବିଳମ୍ବ ଦେଖି କାର୍ଯ୍ୟଟି ହୋଇପାରି ନଥାଏ। ଏହି ଉକ୍ତି ପଛରେ ଏକ କାହାଣୀ ସଂଯୋଜିତ ହୋଇଛି। କାହାଣୀଟି ଏହିପରି - ଥରେ ଜଙ୍ଗଲରେ ପକ୍ଷୀମାନଙ୍କ ଭିତରେ କିଏ ରଜା ହେବ, ସେଥିପାଇଁ ସଭାର ଆୟୋଜନ ହେଲା। ସେହି ସଭାକୁ ସବୁ ପକ୍ଷୀ ଗମନ କରିଛନ୍ତି। ଏପଟେ ମୟୁର ନିଜେ ରଜା ହେବ

ଭାବି, ଏପରି ସଜ ହେଲା ଯେ ସଭା ସମାପ୍ତ ହୋଇଗଲା ପରେ ଯାଇ ମୟୁର ପହଞ୍ଚିଛି। ମୟୁର ନ ଆସିବାରୁ ଉପସ୍ଥିତ ସଭ୍ୟବୃନ୍ଦ ପେଚାକୁ ରଜା ଘୋଷଣା କରି ଚାଲିଗଲେ।

**ଧୁବାଧୁବୁଣି କଳିରୁ ରାମରାଜ୍ୟ ନଷ୍ଟ -**

**ଛ' କାଣ୍ଡରୁ ସାତକାଣ୍ଡ :**

ରାମାୟଣ ସାତ କାଣ୍ଡରେ ବିଭକ୍ତ, ଛଅ କାଣ୍ଡରେ ରାମାୟଣ ସମାପ୍ତ ହୋଇ ପାରିଥାନ୍ତା। କିନ୍ତୁ ଧୋବାଧୋବଣିର ପାରିବାରିକ କଳି ସାତ କାଣ୍ଡରେ ପରିଣତ କରିଦେଲା। ସେଇ କଳି ରାମ ଶୁଣି ସୀତାକୁ ନିର୍ବାସନ ଦଣ୍ଡ ଦେଇଥିଲେ। ଯଦି ସମାଜରେ ଅଯଥା କଳି ହୁଏ କଳିଟି ପାଇଁ ଅନ୍ୟାନ୍ୟ ସମସ୍ୟାମାନ ଆଗକୁ ଆସେ, ଯାହା ଫଳରେ କଳି ଯୋଗୁଁ ପାରିବାରିକ ସହାବସ୍ଥାନ ନଷ୍ଟ ହୁଏ। ସେଥିପାଇଁ ସମାଜରେ କଳି ହେଲେ ଏକଥା କହିବାର ଶୁଣିବାକୁ ମିଳିଥାଏ।

**ରାଗରେ ରାବଣ ମରେ :**

ରାମାୟଣରେ ରାବଣ ବଡ଼ ଜ୍ଞାନୀ ଓ ବଡ଼ ଯୋଦ୍ଧା ଥିଲେ। ତା'ର ସମକକ୍ଷ ବୀର କେହି ନ ଥିଲେ। କିନ୍ତୁ ତା'ର ରାଗ ଯୋଗୁଁ ସେ ମୃତ୍ୟୁମୁଖରେ ପଡ଼ିଲେ। ସେଥିପାଇଁ ଅତ୍ୟଧିକ କେହି ରାଗିଗଲେ, ତାକୁ ସେହି ସୁଉକ୍ତି ପ୍ରକାଶ କରି ରାଗକୁ ପ୍ରକାଶିତ କରନ୍ତି।

# ପ୍ରବଚନ

ଲାଟିନ୍ ଶବ୍ଦ 'Proverbium' ଶବ୍ଦରୁ ପ୍ରବଚନ ଶବ୍ଦଟି ଆନୀତ, ଯାହାର ଅର୍ଥ ଲୋକରେ ବ୍ୟବହୃତ। ଏହା ସାର୍ବକାଳିକ ମୂଲ୍ୟବୋଧ ଦ୍ୱାରା ପରିବେଷ୍ଟିତ। 'ବଚନ' ଶବ୍ଦରେ 'ପ୍ର' ଉପସର୍ଗ ସଂଯୁକ୍ତ ହୋଇ 'ପ୍ରବଚନ' ସୃଷ୍ଟି। 'ପ୍ର'ର ଅର୍ଥ ପ୍ରକୃଷ୍ଟ ବା ଉତ୍କୃଷ୍ଟ।

'ପ୍ରବଚନ' ସମ୍ପର୍କରେ ଡ. ନଟବର ସାମନ୍ତରାୟ କୁହନ୍ତି – ''ଜାତି ବା ବ୍ୟକ୍ତି ବିଶେଷର ଗଭୀର ଅନ୍ତର ପ୍ରଦେଶରୁ କୌଣସି ଚିନ୍ତାଧାରା ନିଃସୃତ ହୋଇ ଯେତେବେଳେ ଲୋକରେ ଜନପ୍ରିୟତା ଅର୍ଜନ କରେ, ସେତେବେଳେ ତାହା ପ୍ରବଚନରେ ଗୌରବ ଲାଭ କରେ। ଲୋକଙ୍କ ଦ୍ୱାରା ସତ୍ୟ ବୋଲି ଅନୁମୋଦିତ ତଥା ଗୃହୀତ ନ ହେଲେ କୌଣସି ବିଶିଷ୍ଟ ଚିନ୍ତା ପ୍ରବଚନ ପଦବୀରେ ଆରୂଢ଼ ହୋଇ ନ ପାରେ।''(୨)

ପ୍ରବଚନଗୁଡ଼ିକ ମଧ୍ୟ ପ୍ରବାଦ ପରି ପଦ୍ୟାତ୍ମକ ରୂପକ, ସଂକ୍ଷିପ୍ତ ଓ ସିଧାସଳଖ ହୋଇଥାଏ। ଏହା ଜନଗୋଷ୍ଠୀର ଅନୁଭୂତି ପ୍ରସୂତ ଓ ପରମ୍ପରାଗତ ଉପଦେଶ ଦ୍ୱାରା ସୃଷ୍ଟି। ସତ୍ୟ ବଚନ ଉପରେ ଆଧାରିତ ଏହି ପ୍ରବଚନ କିନ୍ତୁ ବୈଜ୍ଞାନିକ ଭିତ୍ତିକ ସତ୍ୟ ଉପରେ ଆଧାରିତ ମଧ୍ୟ ହୋଇ ନଥାଏ। ''ଈଶ୍ୱର ବିଶ୍ୱାସ, ଜୀବନ ଦର୍ଶନ, ସାମାଜିକ ରୀତିନୀତି, କୃଷିଭିତ୍ତିକ ପାରିବାରିକ ସମ୍ପର୍କ ଖଳ ପ୍ରବୃତ୍ତି ବା ଦୁର୍ଗୁଣ, ଉଚିତ୍ ଅନୁଚିତ୍ ବ୍ୟବହାର, କୃଷି, ବାଣିଜ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଓ ନାନା ବିଷୟରେ ପ୍ରବଚନମାନ ପ୍ରଚଳିତ।''(୩)

ଏହି ପ୍ରବଚନ ଗୁଡ଼ିକର କୌଣସି ପଦ ନିରର୍ଥକ ନୁହେଁ। ପ୍ରତ୍ୟେକ ପଦର କିଛି ନା କିଛି ଅର୍ଥ ରହିଛି। ଓଡ଼ିଆ ପ୍ରବଚନ ଭାବେ ଅନେକ ପ୍ରବଚନ ପ୍ରଚଳିତ ହେଉଛି ସେଥିମଧ୍ୟରୁ ଯଥା:-

୧) କାଳିଗାଈର ଦୁଧ ମିଠା

୨) ରୁଚୁ ନ ରୁଚୁ ଖା'ପିତା, ବୁଝ ନ ବୁଝ ପଢ଼ ଗୀତା

୩) ମୁଣ୍ଡରେ ପଗଡ଼ି, ପାଦରେ ତେଲ, ବଇଦ ସାଙ୍ଗରେ ହୋଇବୁ ଗେଲ।

୪) ଗରଜିଲା ମେଘ ବରଷେ ନାହିଁ

୫) ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ।

ଆହୁରି ଅନେକ ପ୍ରବଚନ ଓଡ଼ିଆ ଭାଷାରେ ପ୍ରଚଳିତ ଯେଉଁଗୁଡ଼ିକ ମୌଳିକ ପ୍ରବଚନ ସହ ବହିରାଗତ ପ୍ରବଚନ। ମୌଳିକ ପ୍ରବଚନଗୁଡ଼ିକ ନିଜସ୍ୱ ଓଡ଼ିଆ ଭାଷାର ସୃଷ୍ଟି। ମାତ୍ର ବହିରାଗତ ପ୍ରବଚନ ଗୁଡ଼ିକ ଅନ୍ୟ ଭାଷା, ଦେଶରୁ ଆନୀତ। ତଥାପି ପ୍ରାମାଣିକ ଭାବେ ପ୍ରବଚନ ଗୁଡ଼ିକ କାହାର ସୃଷ୍ଟି କହିବା ସମ୍ଭବପର ନୁହେଁ। ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରବଚନ ଗୁଡ଼ିକ ସମାଜର ହିତସାଧନ ପାଇଁ ଅଭିପ୍ରେତ। ସମାଜର ମଙ୍ଗଳ କାମନାରେ ବ୍ରତୀଥିବା ପ୍ରବଚନଗୁଡ଼ିକ କୌଣସି ପ୍ରତିଭାବାନ ବ୍ୟକ୍ତି ଦ୍ୱାରା ସୃଷ୍ଟି ହୋଇ ଲୋକସମାଜରେ ଆଦୃତ ହୋଇପାରିଛି। ଧାର୍ମିକ ବିଶ୍ୱାସ ସହ ପ୍ରବଚନ ଲୋକବିଶ୍ୱାସ ଉପରେ ପର୍ଯ୍ୟବେସିତ । ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ସୁସଂଗଠିତ କରିବା ଓ ଏକିଭୂତ କରିବା ପାଇଁ ପ୍ରବଚନର ଆବଶ୍ୟକତା ରହିଛି।

ପ୍ରବଚନର ବିଷୟବସ୍ତୁ ଦୃଷ୍ଟିରୁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ। ଯଥା:-

୧) ପୌରାଣିକ
୨) ଐତିହାସିକ
୩) କିମ୍ବଦନ୍ତୀମୂଳକ
୪) କୃଷି ବିଷୟକ
୫) ଗଳ୍ପାତ୍ମକ
୬) ମାନବୀୟ ଚରିତ୍ର ଭିତ୍ତିକ
୭) ଦୈବୀଶକ୍ତି ଓ ଅଦୃଷ୍ଟଭିତ୍ତିକ
୮) ଉପଦେଶାତ୍ମକ
୯) ଧର୍ମଭିତ୍ତିକ
୧୦) ସମସ୍ୟାଭିତ୍ତିକ
୧୧) ତୁଳନାତ୍ମକ
୧୨) ପଶୁପକ୍ଷୀ ଭିତ୍ତିକ
୧୩) ବୁଦ୍ଧିଜ୍ଞାନ ଓ ଅନୁଭବ ଭିତ୍ତିକ
୧୪) କ୍ରୀଡ଼ା କୌତୁକାତ୍ମକ
୧୫) ଲୋକବିଶ୍ୱାସମୂଳକ

୧୬) ସ୍ୱାସ୍ଥ୍ୟଭିତ୍ତିକ

୧୭) ବିରୋଧାଭାସ ଭିତ୍ତିକ

୧୮) ସ୍ଥାନ ବିଷୟକ

୧୯) ଋତୁ ଓ ପାଗ ସମ୍ବନ୍ଧୀୟ

୨୦) ବ୍ୟଙ୍ଗାତ୍ମକ

ବାଥୁଡ଼ି ପ୍ରବଚନଗୁଡ଼ିକ ମଧ୍ୟ ନିଜସ୍ୱ ବାଥୁଡ଼ି ଲୋକଙ୍କ ଦ୍ୱାରା ସୃଷ୍ଟି ବୋଲି ପ୍ରମାଣସିଦ୍ଧ କୁହାଯାଇ ନ ପାରେ। ପ୍ରଥମରୁ କୁହାଯାଇଛି ଯେ ବର୍ତ୍ତମାନର ଲୋକସାହିତ୍ୟ କାହାର ନିଜସ୍ୱ ନୁହେଁ। ସେଇ ଦୃଷ୍ଟିରୁ ବାଥୁଡ଼ି ଲୋକସାହିତ୍ୟ ମଧ୍ୟ ଅନ୍ୟଭାଷା, ସଂପ୍ରଦାୟ ଦ୍ୱାରା ସମୃଦ୍ଧ ହୋଇଛି।

ବାଥୁଡ଼ି ପ୍ରବଚନଗୁଡ଼ିକ ଓଡ଼ିଆ ପ୍ରବଚନ ସହ ସାମ୍ୟ ପରିଲକ୍ଷିତ ହେଲେ ବି ଏଗୁଡ଼ିକରେ ଭାଷା ଓ ସ୍ଥାନର ପାର୍ଥକ୍ୟ ଅନୁଭୂତ ହୁଏ। ବେଳେବେଳେ ଅଧିକାଂଶ ପ୍ରବଚନ ଓଡ଼ିଆରେ ବହୁଳ ପରିମାଣରେ ପ୍ରଚଳିତ ହେଉଥିଲେ ମଧ୍ୟ ତାକୁ ବାଥୁଡ଼ି ନିଜ ମୌଖିକ ଭାଷା ଅନୁଯାୟୀ ପ୍ରୟୋଗ କରିଛି, ଫଳରେ ସେହି ପ୍ରବଚନ ଗୁଡ଼ିକ କାହାର ଜାଣିବା କଷ୍ଟକର ବ୍ୟାପାର। ତଥାପି ଯେଉଁ ପ୍ରବଚନ ଗୁଡ଼ିକ ବାଥୁଡ଼ିପ୍ରବଣ ଅଞ୍ଚଳରେ ପ୍ରଚଳିତ ସେହି ସବୁକୁ ଏଥିରେ ସ୍ଥାନିତ କରାଯାଇଛି। ଏଗୁଡ଼ିକ ଯେ ବାଥୁଡ଼ିମାନଙ୍କ ନିଜସ୍ୱ ସୃଷ୍ଟି ବା ଏହି ନିର୍ଦ୍ଦିଷ୍ଟ ପ୍ରବଚନଗୁଡ଼ିକ ବାଥୁଡ଼ିମାନେ ହିଁ ସୃଷ୍ଟି କରିଛନ୍ତି, ଏହା କୁହାଯାଇ ନ ପାରେ। କାରଣ ବାଥୁଡ଼ିର ଭାଷା, ଓଡ଼ିଆ ଭାଷା ସହ ସମାନ, କେବଳ ସାମାନ୍ୟ ଭିନ୍ନ। ପୁଣି ଭୂୟାଁ, ସାଉଁନ୍ତିର ମୌଖିକ ଭାଷା ସହ ବାଥୁଡ଼ିର ଭାଷା ସମାନ ଭାବେ ଦୃଷ୍ଟିଗୋଚର ହେଉଥିବା ହେତୁ, ଏଥିରେ ବାଥୁଡ଼ିମାନଙ୍କ ସୃଷ୍ଟି ବୋଲି ପ୍ରବଚନଗୁଡ଼ିକୁ ଶ୍ରେୟ ଦେବା ଠିକ୍ ନୁହେଁ।

ବିଷୟବସ୍ତୁର ସୁବିଧା ଦୃଷ୍ଟିରୁ ବାଥୁଡ଼ି ପ୍ରବଚନକୁ ସାତ ଭାଗରେ ବିଭକ୍ତ କରାଯାଇପାରେ। ଯଥା:-

୧) ତୁଳନାତ୍ମକ ପ୍ରବଚନ

୨) ପାରିବାରିକ ପ୍ରବଚନ

୩) ଜାତି ଭିତ୍ତିକ ପ୍ରବଚନ

୪)    ପର୍ବପର୍ବାଣି ସମ୍ବନ୍ଧୀୟ ପ୍ରବଚନ

୫)    ଲୋକ ବିଶ୍ୱାସମୂଳକ ପ୍ରବଚନ

୬)    ଅନୁଭବମୂଳକ ପ୍ରବଚନ

୭)    ପଶୁପକ୍ଷୀ ସମ୍ବନ୍ଧୀୟ ପ୍ରବଚନ

**ତୁଳନାତ୍ମକ ପ୍ରବଚନ**

ତୁଳନା କରିବା ମଣିଷର ଏକ ପ୍ରବୃତି। ସେଥିରେ ଭଲ ଥାଉ କିମ୍ବା ମନ୍ଦ ଥାଉ କିମ୍ବା ବ୍ୟଙ୍ଗ ଭାବେ ହେଉ ସେ ତୁଳନା କରେ। ଏହି ତୁଳନା କରିବା ଆଜିର ନୁହେଁ, ପ୍ରାଚୀନକାଳରୁ ସାହିତ୍ୟ ସୃଷ୍ଟିରେ ଅନେକ ତୁଳନା ଦେଇ ସାହିତ୍ୟିକ ନିଜ ସାହିତ୍ୟ ସୃଷ୍ଟି କରେ। ସେହିପରି ବାଥୁଡ଼ି ନିଜ ସମାଜରେ ଥାଇ ତୁଳନା କରି ପ୍ରବଚନ କୁହେ। ସେହି ସମାଜରେ ଥାଇ ସେ ଅନ୍ୟକୁ ନିଜ ଶରୀର ସହିତ ଅନ୍ୟ ଶରୀର, ନିଜ ଧନ ସହ ଅନ୍ୟର ଧନ, ନିଜ ସ୍ତ୍ରୀ ସହ ଅନ୍ୟର ସ୍ତ୍ରୀ ଏପରିକି ପ୍ରତ୍ୟେକଟି କ୍ଷେତ୍ରରେ ସେ ତୁଳନା କରେ। ଏହି ତୁଳନା କରିବା ଯେପରି ତା'ର ଆଉ ଏକ କାର୍ଯ୍ୟ। ବାଥୁଡ଼ି ତୁଳନାତ୍ମକ ପ୍ରବଚନ ଗୁଡ଼ିକ ହେଲା, ଯଥା:-

୧)    ''ଧାନ ଭିତରେ ଝଳା, ମଣିଷ ଭିତରେ ବାଲୁଙ୍ଗା।''[୪]

୨)    ''ବୁଢ଼ା ବଳଦର ଶିଙ୍ଗ ବଢ଼େ
      ବୁଢ଼ା ମଣିଷର ତୁଣ୍ଡ ବଢ଼େ।''[୫]

୩)    ''ବଣ ଭାଙ୍ଗେ ବୁଡିଆ
      ଘର ଭାଙ୍ଗେ ଉଡ଼ିଆ।''[୬]

୪)    ''ବାଉଁଶ ଯେତେ ମୁଟା, ସେତେ ଫୁଲୁରା।''[୭]

୫)    ''ଉଷା କରିନେ ବେଳ ବୁଡ଼ଇ
      ଘର କରିନେ ହାଡ ଭାଙ୍ଗଇ।''[୮]

## ପାରିବାରିକ ପ୍ରବଚନ

ପରିବାରରୁ ସୃଷ୍ଟି ହୁଏ ସାହି, ସାହିରୁ ଗାଁ, ଗାଁରୁ ସମାଜ, ସମାଜରୁ ସଂସ୍କୃତି, ପରମ୍ପରା, ବିଶ୍ୱାସ ଅର୍ଥାତ୍ ମୂଳକେନ୍ଦ୍ର ହେଉଚି ପରିବାର। ପରିବାରର ଚଳଣି, ସହାବସ୍ଥାନ, ବ୍ୟବହାର, ଆତିଥେୟତା ନିର୍ଭର କରେ ଅର୍ଥନୈତିକ ସ୍ଥିତି ଉପରେ। ଅର୍ଥନୀତି ପରିବାରର ପ୍ରତିଟି କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଏହି ପରିବାର ସମ୍ବନ୍ଧୀୟ ଅନେକ ପ୍ରବଚନ ବାଥୁଡ଼ି ପ୍ରଚଳନ କରିଛି। ପରିବାରରେ ରହି ବ୍ୟକ୍ତିଟିଏ ପ୍ରଥମେ ପୁଅ ବା ଝିଅ ହୁଏ, ଏହାପରେ କାହାର ସ୍ୱାମୀ ବା ସ୍ତ୍ରୀ, ବାପା, ବା ମା, ଜେଜେ ବାପା ବା ଜେଜେ ମା’ ହୋଇଥାଏ। ତା’ପାଇଁ ପ୍ରତିଟି ସମ୍ବନ୍ଧ ମହତ୍ତ୍ୱପୂର୍ଣ୍ଣ। ଜନ୍ମରୁ ମୃତ୍ୟୁ ହେବା ପୂର୍ବରୁ ଏସବୁକୁ ନେଇ ତା’ର ଅଭିଜ୍ଞତା ଢେର୍ ବଢ଼ିଯାଇଥାଏ। ଏହି ପରିବାର ଭିତରେ ରହି ସେ ଅନେକ ପ୍ରବଚନ ପ୍ରଚଳିତ କରେ। ଯଥା:-

୧) ‘‘ପୁଅ ଜନମ ଯେ ଘଡ଼ିଏ ଦୁସ
ଉଡ଼ା ଚଳେଇକୁ ନାଇଁ ସେ ଫାସ।’’[୯]

୨) ‘‘ବାପର କଥା ନା ପୁଅର କଥା
କହିନେ ହାକେ ମୁଣ୍ଡଟା ବଥା
ନ ଶିକେଇ କି ଭଲ କରଇ ଆଶା
ବୁଢ଼ା ବଲି ମୁଇଁ ଭୁଗଇଁ ଦଶା।’’[୧୦]

୩) ‘‘ରକତର ଭାଇ ଜେବେ ଭଗାରି
ସାହି ଭାଇ କଥା ହାକେ ନା ସରି।’’[୧୧]

୪) ‘‘ଅନ୍ତକାଳେ ବୁଆ, ମା’କୁ କାଳ’’[୧୨]

୫) ‘‘ବାହା ନ ହେଉଣୁ କଟିଏ ଥାଳି
ବାହା ହେନେ ଭାଇ ନାଗନ୍ତି କଳି।’’[୧୩]

୬) ‘‘ତିନି ପିଢ଼ି ଜାଁକେ ସବୁ ନିଜର
ଛୁଟ୍‌କିଆ ମୁଟ୍‌କିଆ ତୁଠ ତାଙ୍କର
ଚାରି ପିଢ଼ି ପରେ ହୁଅଇ ଶେଷ

କୁଳ କୁଟୁମ୍ବରେ ପାଲଇ ଘାସ।''(୧୪)

୭) ''ହାତରେ ନ ଥାଏ ଧନ
ପୁଅ ବାହା କରି ମନ।''(୧୫)

୮) ''ସିନ୍ଦୁକ ଭିତରେ ନାଲି ମନ୍ଦାର
ଝିଅ ଚାଲିଗନେ ଘର ଅନ୍ଧାର।''(୧୬)

୯) ''ଯେତେ ଦିନ୍ ଥିବ ଅଣ୍ଟାରେ ବଳ
ସଙ୍ଗାତ ମଇତ୍ର ଦୁଆରେ ଠୁଳ।''(୧୭)

୧୦) ''ମାଆ ଦିଏ ଭାତଗୁଣ୍ଡା
ମାଉସିଆ ମାଆ ଦିଏ ନିଆଁଖୁଣ୍ଟା।''(୧୮)

**ଜାତିଭିତ୍ତିକ ପ୍ରବଚନ**

ଜାତି ଭିତ୍ତିକ ପ୍ରବଚନ ଗୁଡ଼ିକ କୌଣସି ଅନ୍ୟ ଜାତି ସମ୍ପର୍କରେ କୁହାଯାଇଥିବା ପ୍ରବଚନ ସଂଗ୍ରହ ନ ହୋଇ ଏଗୁଡ଼ିକ ବାଥୁଡ଼ି ଜାତିକୁ ନେଇ ସୃଷ୍ଟି ହୋଇଥିବା ପ୍ରବଚନକୁ ସଂଗ୍ରହ କରାଯାଇଛି। ଏଗୁଡ଼ିକ ବାଥୁଡ଼ି ସମାଜରେ ବହୁଳ ବ୍ୟବହାର ଦୃଷ୍ଟିରୁ ବାଥୁଡ଼ିମାନଙ୍କ ଉଦ୍ଦିଷ୍ଟ ବୋଲି ମନେ କରାଯାଇଛି। ସାଧାରଣତଃ ନିଜ ଗୁଣ ନିଜେ ବଖାଣିବା କାହାରିକୁ ପସନ୍ଦ ଆସେନା। ତଥାପି ବାଥୁଡ଼ି ତା'ର ବଦ୍‌ଗୁଣ, ଭଲଗୁଣ, ସାହସର କଥା ପ୍ରକାରନ୍ତରେ ଅନ୍ୟ ଆଗରେ ପ୍ରକାଶ କରିବାକୁ ଅବହେଳା କରିନି। ଅନ୍ୟ ଜାତିର ପ୍ରବଚନ ଓଡ଼ିଆ ଭାଷାରେ ବିପୁଳ ସଂଖ୍ୟାରେ ରହିଛି। ସେହିସବୁ ପ୍ରବଚନ ନିଜ ଜାତି ଭିନ୍ନ ଅନ୍ୟ ଜାତି ସମ୍ପର୍କରେ ବଖାଣିବାକୁ ପସନ୍ଦ କରନ୍ତି, ଯେଉଁଥିପାଇଁ ଏତେ ସବୁ ପ୍ରବଚନ ପ୍ରଚଳିତ। ବାଥୁଡ଼ି ସମାଜରେ ପ୍ରଚଳିତ ପ୍ରବଚନଗୁଡ଼ିକ ହେଲା ଯଥା:-

୧) ''ଉଡ଼ିଆ ପରବେ ଉଡ଼ଇ ଟଙ୍କା
ଜାତିର ପରବେ ମୁହଁ ଜେ ବଙ୍କା।''(୧୯)

୨) ''ମାଗିଜାଚି ପୁଜା କରଇ ଦେହୁରି
ଗରିବ ପଣରେ ଜାଅଇ ଜେ ହାରି।''(୨୦)

୩)  ''ବାହା ବାହାରେ ବାଥୁଳି
ପଲାରେ ମାରୁଛେ ହାତୁଳି
ମିଳିମିଶି କରି ରହିନେ କି ହେତା
ଟିକିଏ କଥାରେ ନାଗନ୍ତି କଳି।''(୨୧)

**ପର୍ବପର୍ବାଣି ସମ୍ବନ୍ଧୀୟ ପ୍ରବଚନ**

ବାର ମାସରେ ତେର ପର୍ବ। ସେହି ତେର ପର୍ବ ମଧ୍ୟରେ ମକର ଓ ରଜ ପର୍ବ ଅନ୍ୟତମ। ଯେଉଁ ଦୁଇଟି ପର୍ବକୁ ବାଥୁଡ଼ି ଧୁମ୍‌ଧାମ୍‌ରେ ପାଳନ କରେ। ଆଉ ଯେଉଁ ପର୍ବପର୍ବାଣି ବାଥୁଡ଼ି ପାଳନ କରେ, ସେଗୁଡ଼ିକ କୃଷି ସମ୍ବନ୍ଧୀୟ। ତା'ସହିତ ହିନ୍ଦୁ ଦେବଦେବୀଙ୍କ ପର୍ବପର୍ବାଣୀକୁ ମଧ୍ୟ ପାଳନ କରିବାରେ ସେ ଅବହେଳା କରେ ନାହିଁ। ତା' ମତରେ ସମସ୍ତେ ଏକ, ସେ ବଡ଼ାମ, ସେ ରାମ, ସେ କୃଷ୍ଣ, ସେ ବଳରାମ। ଏଭଳି ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବାଥୁଡ଼ି ଅଧାରୁ ଅଧିକରେ ଛେଳି, କୁକୁଡ଼ା ବଳିଦେଇ ମାନସିକ ପୂରଣ କରିଥାଏ। ଏହି ମାନସିକ ପୂରଣ ଲୋକ ବିଶ୍ୱାସ ଉପରେ ପର୍ଯ୍ୟବେସିତ। ଏହାଦ୍ୱାରା ସେ ମାନସିକ ଭାବେ ଶାନ୍ତି ପାଇଥାଏ। ପର୍ବପର୍ବାଣି ଭିତରେ ବାଥୁଡ଼ି ଅନେକ ପ୍ରବଚନ ସେ ରଚନା କରିଛି। ଯଥା:-

୧)  ''ଉଷା ନୁଆଖିଆ ଡାଳି ଅଣା ଅସାଳି
ପରବ ଦସନ୍ଧି ପାଣିଢଳା ଦେ ମଙ୍ଗୁଳି।''(୨୨)

୨)  ''ଖାଇ ପାଞ୍ଚଥର କରିନେ ପୁଜା
ଦାନ ଦକ୍ଷିଣାରେ ହୁଅଇ ରଜା।''(୨୩)

୩)  ''ନିର୍ଜଳା ନିଷ୍ଠାରେ କରି ସେ ପୁଜା
ଗାଁ ଦେଶଠାଣୁ ପାଆଇ ସଜା।''(୨୪)

୪)  ''ଉଷା କରିନେ ବେଳ ବୁଡ଼ଇ
ଘର କରିନେ ହାଡ ଭାଙ୍ଗଇ।''(୨୫)

୫)  ''ଗୁଟେ ପରବକୁ ପାଞ୍ଚଟା ମେଢ଼
ମୁଇଁ ବଡ଼ ବଲି ଆପସେ ନଢ।''(୨୬)

**ଲୋକବିଶ୍ୱାସମୂଳକ ପ୍ରବଚନ**

ବାଥୁଡ଼ିମାନଙ୍କ ବିଶ୍ୱାସକୁ ନେଇ କେତେକ ପ୍ରବଚନ ସୃଷ୍ଟି ହୋଇଛି। ସେଥିରେ ତା'ର ବିଶ୍ୱାସ ସଂଜିବିତ ହୋଇ ରହିଛି। ଏହି ବିଶ୍ୱାସ ମୂଳରେ ହିଁ ତା'ର ଜଗତ। ହୁଏତ ସେଗୁଡ଼ିକ ଭଲ ହେଉ କି ଭେଲ ହେଉ କିମ୍ବା ଶିକ୍ଷିତମାନଙ୍କ ପାଇଁ ତାହା କୁ ସଂସ୍କାର ହୋଇଥାଉ ପଛକେ, ତା'ପାଇଁ ସେଇଟା ବିଶ୍ୱାସ। ବିଶ୍ୱାସ ବଳରେ ସେ ଛେଳି କୁକୁଡ଼ାକୁ ବଳିଦିଏ। ତା'ଭିତରେ ରହିଥାଏ ଭଲ ହେବାର ସୂଚନା, ସେଥିପାଇଁ ସେ ଧର୍ମକୁ ଡରେ। ଇଷ୍ଟଦେବଙ୍କୁ ଡରେ, ପୂର୍ବପୁରୁଷଙ୍କୁ ଡରେ। ଡାହାଣୀ ଚିର୍‌ଗୁଣୀ ଭୂତପ୍ରେତର ଭୟ ପାଏ। ଏହା ବାଦ୍ ମଣିଷ ଭିତରେ ସୃଷ୍ଟି କାଳିସୀକୁ ପୂଜା କରେ। ଭଲ ବର୍ଷା ନ ହେଲେ ପରିବାର ଭାଙ୍ଗିଗଲେ, ଇଷ୍ଟଦେବ କୋପ କରିଛନ୍ତି ବୋଲି ହୃଦୟରେ ଭାବେ। ଏଥିପାଇଁ ସୁ ପ୍ରତିକାର କରେ। ଏହି ବିଶ୍ୱାସ ସହ ଆଉ କିଛି ଦୈନନ୍ଦିନ ବିଶ୍ୱାସ ମଧ ତା'ଠାରେ ପରିଲକ୍ଷିତ ହୁଏ। ଏହିପରି କେତୋଟି ପ୍ରବଚନ ହେଲା ଯଥା:-

୧) ''ପାଣି ମୁତୁରାର ଚୁଲି ଲାଗେ ନାହିଁ।''(୨୭)

୨) ''କାଲିକା ଜୁଗି ସିରିମେ ଜୁଟା।''(୨୮)

୩) ''ସକାଳ ମେଘ ମେଘ ନୁହେଁ
ସକାଳ କୁଣିଆ କୁଣିଆ ନୁହେଁ।''(୨୯)

୪) ''ଜହ୍ନରାତିଠାଣୁ ରାତି ନାହିଁ।''(୩୦)

୫) ''ଘା' ଜାଏ, ଦାଗ ଥାଏ
ନୁକ ଜାଏ, କଥା ଥାଏ।''(୩୧)

୬) ''ନ କହିନେ ଭଲ ରାଜନିତି
ତାତିନେ ଗାଁ ଭାଙ୍ଗଇ ନୀତି।''(୩୨)

୭) ''ବୁଢ଼ା ବଳଦର ଶିଙ୍ଗ ବଢ଼େ
ବୁଢ଼ା ମଣିଷର ତୁଣ୍ଡ ବଢ଼େ।''(୩୩)

**ଅନୁଭବମୂଳକ ପ୍ରବଚନ**

ମଣିଷ ନିଜ ଜୀବନକାଳ ଭିତରେ ନିଜେ ଅନୁଭବ କରି ଅନେକ ପ୍ରବଚନ ସୃଷ୍ଟି କରେ। ଏହି ଅନୁଭବ ତା'ର ନିଜସ୍ୱ । କଥାରେ ଅଛି 'ନିଜେ ନ ମରିଲେ ସ୍ୱର୍ଗ ଦେଖି ହୁଏ ନାହିଁ' ଏଇ ପ୍ରବଚନ ଓଡ଼ିଆ ଭାଷାର। ଅନୁଭବର କଥା ଉଠିଲେ ଏଇ ପ୍ରବଚନଟିର କଥା ମନକୁ ସ୍ୱତଃ ଆସିଯାଏ। ମଣିଷର ଅନୁଭୂତି ଅନେକ। ମାମୁଘର, ଖେଳ, କୌତୁକ, ଆମ୍ବଚୋରୀ, ନଈ ପହଁରା, ଚଢ଼େଇ ଧରିବା, ସାଙ୍ଗସାଥି ହୋଇ ମେଳା ଦେଖିବା ଇତ୍ୟାଦି ଯାବତୀୟ କର୍ମ ଭିତରେ କିଛି ଖାସ୍ ଅନୁଭୂତି ତା' ମାନସ ପଟ୍ଟରେ ଲିପିବଦ୍ଧ ହୁଏ, ଯାହାକୁ ନେଇ ସେ ପ୍ରବଚନ ସୃଷ୍ଟି କରେ। ଏହିଭଳି ପ୍ରବଚନ ନିଜ ଅନୁଭୂତିର ପରିଣାମ ବୋଲି ଧରାଯାଏ। ବାଥୁଡ଼ି ଜନଜାତିରେ ମଧ୍ୟ ଅନୁଭୂତିମୂଳକ ପ୍ରବଚନମାନ ଦୃଷ୍ଟିଗୋଚର ହୁଏ। ଯଥା:-

୧) ''ନିଲଜ କୁଣିଆଁକୁ ବିହନ ଧାନର ଭାତ।''[୩୪]

୨) ''ଛେପ ଉପରକୁ ଥୁକିଲେ ନିଜ ମୁଣ୍ଡରେ।''[୩୫]

୩) ''ଘା ଯାଏ, ଦାଗ ଥାଏ
ଲୋକଯାଏ, କଥା ଥାଏ।''[୩୬]

୪) ''ରକ୍ତକୁ ରକ୍ତ କାଟେ, ପାଣିକୁ ପାଣି କାଟେ।''[୩୭]

୫) ''ଭାତ ଥାଳିଏ ଦେବ ପଛେ, ବୁଦ୍ଧି ଦେବ ନାହିଁ।''[୩୮]

୬) ''ଭାତ ଛାଳିଦେବ ପଛେ, ସାଙ୍ଗ ଛାଳିବ ନାହିଁ।''[୩୯]

୭) ''ନିଜେ ବଞ୍ଚନେ, ବାପର ନାଁ।''[୪୦]

୮) ''ବୁଦ୍ଧିଥିନେ ବାପଘରେ ଛୁଆ।''[୪୧]

୯) ''ଆମରମାନେ କଟେ ଟିଂକି ରାଗିଆ
ବଦ୍‌ରାଗିଆକୁ ବଦ୍‌ମାସିଆ
ଟିକେକର କଥାରେ ଆମର କଟି
ଅଢ଼େଇ ଦିନ୍‌ରେ ପୁଣି ଖଟି।''[୪୨]

**ପଶୁପକ୍ଷୀ ସମ୍ବନ୍ଧୀୟ ପ୍ରବଚନ**

ମଣିଷ ପଶୁପକ୍ଷୀର ଅନୁକରଣ କରି ଅନେକ କିଛି ଶିଖିଥାଏ। ଏହି ପଶୁପକ୍ଷୀର ଅନୁକରଣ କରିବା ନୂଆ ନୁହେଁ, ମଣିଷର ଆଦିମ ଅବସ୍ଥାରୁ ସେ ଅନୁକରଣ ଓ ଅନୁସରଣ କରିଛି। ତାକୁ କଥା ଶିଖେଇଛି, କାମ ଶିଖେଇଛି। ପଶୁପକ୍ଷୀକୁ ମାଧ୍ୟମ କରି ନିଜ ସ୍ୱାର୍ଥ ହାସଲ କରିବା ସହ ତାକୁ ଦେଖି ଆନନ୍ଦରେ ବିଭୋର ହୋଇଛି। ତାକୁ ପାଳନ କରି ତା'ଠାରୁ ମାଂସ, କ୍ଷୀର, ଅଣ୍ଡା ପାଇଛି। ତା'ଦ୍ୱାରା କୃଷିକାର୍ଯ୍ୟ କରି ବର୍ଷକର ଖାଦ୍ୟ ଯୋଗାଡ଼ କରିଛି। ପଶୁପକ୍ଷୀକୁ ବାଥୁଡ଼ି ମଧ୍ୟ ପ୍ରବଚନ ସୃଷ୍ଟି କରିଛି। ଯଥା:-

୧) ''ଛୁଟିଆ ସାପର ବିସ ବେସି।''

୨) ''ଚାଲାକିଆ କୁଆ ଗୁହ ଖାଏ।''

୩) ''ହାତି ମରିନେ ନଖେ
ଜିଇଁନେ ନଖେ।''(୪୩)

**ପ୍ରବଚନର ଛନ୍ଦ**

ସଂସ୍କୃତ ସାହିତ୍ୟରେ ଛନ୍ଦର ପ୍ରଚଳନ ବହୁଳ ମାତ୍ରାରେ ଦେଖିବାକୁ ମିଳେ। ସଂସ୍କୃତ ସାହିତ୍ୟ ବ୍ୟତୀତ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମଧ୍ୟ ଏହାର ପ୍ରଚଳନ ଅଧିକ। ଲୋକ କବି କିନ୍ତୁ ଛନ୍ଦର ପ୍ରଚଳନ ଅଜାଣତରେ କରିଛି। ବାଥୁଡ଼ି ପ୍ରବଚନ ଗୁଡ଼ିକ ମଧ୍ୟରେ ଅନେକ ଉଦାହରଣ ରହିଛି। ଯଥା:-

୧) ନିର୍ଲଜ କୁଣିଆଁକୁ ବିହନ ଧାନର ଭାତ। (ଏକଚରଣ)

୨) ଉଷା କରିନେ ବେଳ ବୁଡ଼ଇ
ଘର କରିନେ ହାଡ ଭାଙ୍ଗଇ। (ଦ୍ୱିଚରଣ)

୩) ତିନି ପିଢ଼ି ଜାଁକେ ସବୁ ନିଜର
ଛୁଟ୍‌କିଆ ମୁଟ୍‌କିଆ ତୁଠ ତାଙ୍କର
ଚାରିପିଢ଼ି ପରେ ହୁଅଇ ଶେଷ
କୁଳ କୁଟୁମ୍ବରେ ପାଲଇ ଘାସ। (ଚାରିଚରଣ)

୪)	ଉଡ଼ିଆ ପରବେ ଉଡ଼ଇ ଟଂକା
ଜାତିର ପରବେ ମୁହଁ ଜେ ବଂକା (ଚକ୍ରକେଳି)

୫)	ଭାତ ଛାଳିଦେବ ପଛେ, ସାଙ୍ଗ ଛାଳିବ ନାହିଁ। (ଷଢାକ୍ଷର)

୬)	ଚାଲାକିଆ କୁଆ ଗୁହ ଖାଏ। (ଚତୁର ଅକ୍ଷର)

୭)	ନ କହିନେ ଭଲ ରାଜନିତି
ତାତିନେ ଗାଁ ଭାଙ୍ଗଇ ନିତି। (ଅସମାନ ଅକ୍ଷର ଚରଣ)

# ଢଗଢମାଳି

କଥାଲଥା, କାମଦାମ, ପରିବାପତର, ଘରଫର ପରି ଢଗଢମାଳି ପୂର୍ଣ୍ଣତଃ ପଦ୍ୟାତ୍ମକ। ଏଥିରେ ପ୍ରଥମ ପାଦଟି ଅନେକ କ୍ଷେତ୍ରରେ ନିରର୍ଥକ। ଗଭୀର ବ୍ୟଞ୍ଜନା ନଥିବା ଏହି ଢଗଢମାଳି ସାଧାରଣତଃ ପଦ୍ୟାତ୍ମକ ରୂପରେ ସମାଜରେ ପ୍ରଚଳିତ ହୋଇଥାଏ।

ରମଣୀୟ ଓ ରସାଳ ପଦବାଚ୍ୟ ଢଗଢମାଳି ଗୁଡ଼ିକ ସଂକ୍ଷିପ୍ତ ଆକାରରେ ସୃଷ୍ଟି। ସ୍ରଷ୍ଟା ବିଷୟରେ ଜାଣିବା ସମ୍ଭବ ନୁହେଁ । ବିଦ୍ୱାନଠାରୁ ଆରମ୍ଭକରି ଅଶିକ୍ଷିତ ପର୍ଯ୍ୟନ୍ତ ଏହାର ପରିସର, ସବୁଠି ଏହାର ଆଦର। ପରୋକ୍ଷରେ କିମ୍ବା ପ୍ରତ୍ୟକ୍ଷ ରୂପେ ବ୍ୟକ୍ତିଟି ଆଉ ଜଣକୁ ସମାଲୋଚନା କରେ, ତାକୁ ବ୍ୟଙ୍ଗ କରେ। କୁଞ୍ଜବିହାରୀ ଦାଶଙ୍କ ମତରେ – ''ଏହା ଗୋଟାଏ ଜାତିର ଅଲିଖିତ ସାଂସ୍କୃତିକ ଇତିହାସ, କୃଷି ସଭ୍ୟତାର ସର୍ବାଙ୍ଗକୁ ସ୍ପର୍ଶ କରିଥିବା ସାହିତ୍ୟ, ଅଗଣିତ ଜନପଦ କବିଙ୍କ ହାସ୍ୟ, ବ୍ୟଙ୍ଗ ଓ କଟୁକ୍ତିକଷାୟ ରସରେ ଭରପୁର। ସେସବୁ କବିଙ୍କ ସ୍ଥାନ ଓ କାଳର ପରିଚୟ ବିଲୁପ୍ତ, କିନ୍ତୁ ସେମାନଙ୍କ ନାଡ଼ିର ସ୍ପନ୍ଦନ, ହୃଦୟର ଦୁକୁଦୁକି ରକ୍ତରେ ନୁହେଁ, ରସରେ ହିଁ ଚାଲିଛି।''(୪୪)

ଢଗଢମାଳିକୁ ଗୋପାଳଚନ୍ଦ୍ର ପ୍ରହରାଜ ଭିନ୍ନ ବୋଲି ଦର୍ଶାଇଛନ୍ତି। ତାଙ୍କ ମତରେ ଢଗରେ ପଦମାନଙ୍କର ଶେଷ ଅକ୍ଷରର ମେଳ ଓ କୌଣସି କୌଣସି ଢଗରେ ଉପଦେଶ ଓ ଅନୁଭବପୂର୍ଣ୍ଣ ବଚନ ଥାଏ। କିନ୍ତୁ ଢମାଳି ବ୍ୟଙ୍ଗୋକ୍ତି ବହୁଳ ଏବଂ ତହିଁରେ ଅକ୍ଷରମେଳ କାହିଁକି, ଉପଧାର ମେଳ ରହିଅଛି। କିନ୍ତୁ ପ୍ରାୟ ଅଧିକାଂଶ ଗବେଷକ ଢଗଢମାଳି ଏକା ବୋଲି ଗ୍ରହଣ କରନ୍ତି।

ଢଗଢମାଳି ଇଚ୍ଛା କଲେ, କେହି କହିପାରେ ନାହିଁ। ସେହିପରି ପରିବେଶ ଓ ପରିସ୍ଥିତିଟିଏ ସୃଷ୍ଟି ହେଲେ, ନାରୀ ବା ପୁରୁଷ ଉଭୟ ମୁଖରେ ଢଗଢମାଳି ଆପଣାଛାଏଁ ବାହାରିପଡ଼େ। ସେତେବେଳେ ଗ୍ରହୀତାର ହୃଦୟକୁ ଏପରି ବିଦ୍ଧ କରେ ଯେ, ତାହା ସବୁବେଳେ ମନେ ରହିଥାଏ। ଗୋପାଳଚନ୍ଦ୍ର ପହରାଜ ଢଗଢମାଳିର ଉପଯୋଗିତାକୁ ଆଖି ଆଗରେ ରଖି ଲେଖିଛନ୍ତି – ''ଗୋଟିଏ ସତ୍ୟ ଉପଦେଶ ବା ନୀତିକଥାକୁ କେବଳ କଥାରେ କହିଦେଲେ, ତାହା ଶ୍ରୋତାର ମନରେ ଯେପରି ଦୃଢ଼ ହୋଇ ଲାଖି ରହେ, ସେହି ସତ୍ୟ ବା ଉପଦେଶକୁ ପଦ୍ୟ ବା ଢଗ ସାହାଯ୍ୟରେ କହିଲେ, ତାହା ଶ୍ରୋତାର ହୃଦୟରେ ଦୃଢ଼ତର ଓ ସ୍ଥାୟୀ ଭାବରେ ଲାଖିରହେ।''(୪୫)

ଢଗଢମାଳି ସବୁରି ହୃଦୟରେ ବସାବାନ୍ଧି ସମାଜକୁ ଶୃଙ୍ଖଳ କରିବା ଦିଗରେ ମଧ୍ୟ ଅଗ୍ରସର ହୁଏ। ଏହା ସାଧାରଣତଃ ପୁରୁଷ ଅପେକ୍ଷା ନାରୀମାନଙ୍କ ମୁଖରେ ଅଧିକ ପ୍ରଚଳିତ। ଯଥା:-

୧)	''ମା'ଲୋ ମଲି
ଗାଆଁ ଚାରିପାଖେ ବୁଲି ଅଇଲି
କେହି ନ କହିଲେ ବଅସ ବୋଲି।''

୨)	''ଏ ଟୋକାଟି କିଏରେ
ନଡ଼ିଆ ପୁଞ୍ଜାଏ ଦେରେ
ନଡ଼ିଆ ପୁଞ୍ଜାକ ସରିଗଲା
ଏ ଟୋକାଟି ମରିଗଲା।''

ପୁଣି ଏହି ଢଗଢମାଳିରେ ଭରି ରହିଛି ଯାବତୀୟ କର୍ମ ଗୃହ ଉପକରଣ, ଚଳଣି, ବୈବାହିକ ଜୀବନ, ହସ ଦୁଃଖ, ଦ୍ୱନ୍ଦ, କଳହ, ଗରବୀପଣ ଇତ୍ୟାଦି ଭିତରେ ଲୋକ କବିର ହୃଦୟରେ ଜମାଟ ବାନ୍ଧେ କାହାକୁ ଗୋଟେ କିଛି କଥା ମାଧ୍ୟମରେ ଗୁଳିବିଦ୍ଧ କରିବା। ଢଗଢମାଳି ଗୁଡ଼ିକ ମାଡ ଖାଇବାଠାରୁ ଅଧିକ ପୀଡାଦାୟକ। ମାଡ ଖାଇଲେ ସେହି ସମୟ ପର୍ଯ୍ୟନ୍ତ କଷ୍ଟ ଲାଗେ ମାତ୍ର ଏଗୁଡ଼ିକ କଥା ରହିଯାଏ, କାଳକାଳକୁ। ପ୍ରବଚନର ଭକ୍ତି ଅନୁଯାୟୀ, ଘା'ଯାଏ, ଦାଗ ଥାଏ, ଲୋକ ଯାଏ, କଥା ଥାଏ। ଏଭଳି କଥା ଇଂରାଜୀରେ 'Comment' ଶବ୍ଦର ଅର୍ଥ ଯାହା ଆଜି ବୁଝୁଛେ, ଠିକ୍ ସେହିପରି ଢଗଢମାଳି ସେହି ପର୍ଯ୍ୟାୟର। କେତେକ ବ୍ୟକ୍ତି ଢଗଢମାଳି କହି ହସି ହସେଇବାରେ ଅସ୍ତାଦ୍।

ଗାଁର ବ୍ୟକ୍ତିଟିଏ ନିଜ ସହ ଅନ୍ୟର ପରିଚୟ କାକା, ଖୁଡ଼ି, ଜେଜେ ବାପା, ଜେଜେ ମା, ମାମୁମାଇଁ, ଭଣଜା ଭାଣିଜି, ଝିଆରୀ ପୁତୁରା ଇତ୍ୟାଦି ବିଭିନ୍ନ ସମ୍ପର୍କରେ ସେ ବନ୍ଧା ବିଶେଷ କରି ଭାଉଜ, ଜେଜେ ବାପା, ଜେଜେ ମା, ଶାଳୀ, ନଣନ୍ଦ, ଭାଇଙ୍କ ଶାଳୀ ଓ ଭାଉଜଙ୍କ ଭଉଣୀ, ଭଉଣୀଙ୍କ ନଣନ୍ଦ ସହ ଥଟ୍ଟା ମଜା ବାଥୁଡ଼ି ହୋଇପାରେ। ଏହାକୁ ବାଥୁଡ଼ି ଭାଷାରେ 'ହୁରିଆ ହେବା' କୁହନ୍ତି। ଏହି 'ହୁରିଆ ହେବା' ଭିତରେ ଢଗଢମାଳିର ଆଦର ବେଶି। ଏଠି ଆଉ କୌଣସି ଶ୍ଳିଳ ଓ

ଅଶ୍ଳୀଳର ଅସଙ୍ଗତି ବେଳେବେଳେ ଦେଖାଯାଏନି। ନିଜ ଜେଜେ ବାପା, ଜେଜେ ମା', ନିଜ ଭାଉଜ, ଶାଳୀ ଅପେକ୍ଷା ପଡ଼ୋଶୀ ଭାଉଜ, ଶାଳୀ, ଜେଜେମା' ଓ ଜେଜେ ବାପାକୁ ସେ ବେଶି ହୁରିଆ କରେ। ନିଜ ସମ୍ପର୍କୀୟ କ୍ଷେତ୍ରରେ ଥଟ୍ଟାମଜା ସଂଘଟିତ ହୋଇପାରୁଥିଲେ ମଧ୍ୟ ନିଜ ସମ୍ପର୍କୀୟ କ୍ଷେତ୍ରରେ କମ୍ ଦେଖାଯାଏ। ସେଇଥିପାଇଁ କୁଞ୍ଜବିହାରୀ ଦାଶ ଢଗଢମାଳି ସମ୍ପର୍କରେ କୁହନ୍ତି - ''ଚରିତ୍ର ମଧ୍ୟରେ କିଛି ଅସାମାଜିକ, ଅସଙ୍ଗତି ଓ ଅସୁନ୍ଦର ଦେଖିଲେ ଲୋକେ ବ୍ୟଙ୍ଗ କରନ୍ତି। କଥାଟା ଖାଲରେ ପଡୁ ବା ଢିପରେ ପଡୁ, ଲୋକ କବି ରୋକ୍‌ଠୋକ୍ ଭାବେ କହିଦିଏ, ମୋହମୁଲାଜା ରଖେ ନାହିଁ, ଛୁରି ପରି ଏହା ଛାତିରେ ଚାଲିଯାଏ। କଥା ମର୍ମକୁ ଚୋଟ ଚୋଟ କରି ହାଣେ, ଟିକି ଟିକି କରି କାଟେ, ଦୁର୍ବଳ ସ୍ଥାନ ଦେଖି ଛେଚେ, କୁନ୍ଦେ, କୁଟେ।''(୪୬)

ପ୍ରାୟତଃ ଏହି ଢଗଢମାଳିକୁ ହିଁ ଅଧିକାଂଶ ଛଟା ବୋଲି ଗ୍ରହଣ କରନ୍ତି। ବାଥୁଡ଼ି ମଧ୍ୟ ଢଗଢମାଳିକୁ ଛଟା ବୋଲି ଚିତ୍ରଣ କରେ। ଛଟା କହିଲେ, ସେ ଭାବେ ଆଉ ଜଣକୁ କଥାରେ ବ୍ୟଙ୍ଗ କରିବା। ବ୍ୟଙ୍ଗ କରିବା ବ୍ୟକ୍ତି ପୁଣି 'ହୁରିଆ ହେବା' ପଦବାଚ୍ୟ ହେଉଥିବା ଦରକାର। ନ ହେଲେ ବି ଯେ ଏଭଳି ଛଟା ବା ଢଗଢମାଳି ଦେଖାଯାଏନି ଏହା କହିବା ଠିକ୍ ନୁହେଁ। ଢଗଢମାଳି ଦେଖାଗଲେ ବି କିନ୍ତୁ କୌଣସି କାରଣବଶତଃ ମନ ମାଳିନ୍ୟ, ରାଗରୁଷା ହୋଇଥିଲେ ହିଁ ସେଭଳି କ୍ଷେତ୍ରରେ ଦୃଷ୍ଟି ଗୋଚର ହୁଏ।

ସାମାନ୍ୟ ଲୋକ ମଧ୍ୟ ବେଳେବେଳେ ଦେଖେଇ ହୁଏ। କୌଣସି ଅଳଙ୍କାର, ବସ୍ତ୍ର ଆଭୁଷଣ ପରିଧାନ କରି ଏଭଳି କ୍ଷେତ୍ରରେ ନିଜକୁ ଅନ୍ୟ ନିକଟରେ ପ୍ରଦର୍ଶିତ କଲେ, ତାକୁ ଈର୍ଷା କରୁଥିବା ବ୍ୟକ୍ତି କୁହେ ଯଥା:-

''ପଣସ ପତର ନାଲି
ନାଲି ଶାଢ଼ି ଖଣ୍ଡ ପିନ୍ଧିଛି ବଲି
କେତେ ଆଡ଼ମ୍ବର ଚାଲି।''

''ସାଗକୁ ଛୁଇଁନେ ସାଗ କହେ ଗଲା ମ ଜାତି
ମନେ ମନେ ଭାବେ ବଡ଼ ଘରି ବହୁ ହୁଅନ୍ତି।''(୪୭)

କଥାଦେଇ କଥା ନ ରଖିଲେ, ତା' ଉଦ୍ଦେଶ୍ୟରେ ଲୋକ କବି ଢଗଢମାଳି ଖଞ୍ଜେ। କଥା ଦେବା ଓ କଥା ଦେଇ କଥା ରଖିବା ଭିତରେ ଅନେକ ଫରକ ଓ ସମୟ। ଏହି ସମୟରେ ହୁଏତ କଥାଟି ମନେ ନ ରହିବା ବି ସ୍ୱାଭାବିକ। ଲୋକକବି କୁହେ - ଯଥା:-

''ପାନ ପତର କି ସାରୁ ପତର
କଥା ଦେଇଥିଲେ ଗଲା ଗତର
ଏବେ ତୁଇଁ କରିଲୁ ସାତପର।''(୪୮)

ଯୁବତୀଟି ବିବାହ ବନ୍ଧନରେ ଛନ୍ଦି ହୋଇଗଲେ, ବାଥୁଡ଼ି ପ୍ରେମିକର ପ୍ରେମକୁ ପ୍ରେମିକା ପ୍ରତ୍ୟାଖ୍ୟାନ କରିଦିଏ। ତା'ପାଇଁ ସମାଜ, ଜାତି ଓ ପରିବାର ଆଗ ଏବଂ ଯୌବନର କୌଣସି ଦୁର୍ବଳ ମୁହୂର୍ତ୍ତରେ ତା'ପାଇଁ ପ୍ରେମର ବୀଜ ସେ ବୁଣିଥିଲା। ତେଣୁ ତା'ପାଇଁ ପ୍ରେମ ବଡ଼ ନୁହେଁ, ପରିବାର ବଡ଼। ଏହାକୁ ପାଥେୟ କରି ପ୍ରେମିକା ପ୍ରେମିକ ପୁରୁଷ ପାଇଁ ଢଗଢମାଳି ଖଞ୍ଜି କହିଥାଏ। ଯଥା:-

''ରସ ରସିଆ ପଣସ କସିଆ
ରସିଥିଲା ଦିନା କେତେରେ
ରସ ଭିତରେ ଭଅଁର ପସିଲା
ଆଉ କି ରସିବି ତତେ।''(୪୯)

ବ୍ୟକ୍ତିର ଉଦ୍ଦେଶ୍ୟ ଜଣା ପଡ଼ିଲେ ତା' ଉଦ୍ଦେଶ୍ୟରେ ଲୋକ କବି ଅନେକ ଢମାଳି ଖଞ୍ଜେ। ମନ୍ଦ ଉଦ୍ଦେଶ୍ୟ ତ ସମାଜରେ ଧିରେ ଧିରେ ଜଣା ପଡ଼ିଯାଏ। ସେଥିପାଇଁ ତା'ଲାଗି ଢଗଢମାଳିରେ କୁହାଯାଇଛି - ଯଥା:-

''ଟାଙ୍ଗି ପକାଇନି ଖୁଲ
ପାଚିଲା କଦଳି ମିଳେଇ ଗଲା
ତର କଥା ଜଣାଗଲା।''(୫୦)

ବାଥୁଡ଼ି ନାରୀ ମଧ୍ୟ ସହନଶୀଳ, ସେ ଧରିତ୍ରୀ ପରି ତା'ର ହୃଦୟ। ବାପଘରୁ ଚାଲିଆସି ଶାଶୂ ଘରେ କଷ୍ଟରେ ରହିଲେ ମଧ୍ୟ ତା'ପାଇଁ ସ୍ୱାମୀଘର ଶ୍ରେଷ୍ଠ। ଏଭଳି ସହନଶୀଳ ନାରୀକୁ ଦେଖି ଲୋକ କବି କୁହେ –

ଯଥା:- ''ପୁଖୁରି ହିଡ଼ରେ ନିମ୍ବଗଛ ଖଣ୍ଡ
ବାଆ ଦୁଲୁ ଦୁଲୁ ବହୁଛି
ଅଡ ଲହସି ମୁରୁକି ହସା
ତ ଦିହ ବଲି ସହିଛି।''(୫୧)

ବାଥୁଡ଼ି ପୁରୁଷ ବେଳେବେଳେ ବୟସ ହୋଇ ଯାଇଥିଲେ ବି ବାହା ହୋଇପାରେନି। ଏଥିପାଇଁ ବିଭିନ୍ନ କାରଣ ଦାୟୀ ରୁହେ। ବୁଢ଼ିଆ ହୋଇଥିବା ବ୍ୟକ୍ତି ଅବିବାହିତ ପୁରୁଷ ଉଦ୍ଦେଶ୍ୟରେ ପଦ ଖଞ୍ଜି କୁହେ।

''ଅଦାଳ ତଳିଆ ଗିନା
ଭଉଣୀ ରନ୍ଧା ଭାତ ଖାଉଛେ ସିନା
ଘରେ ନାହିଁ ମାଇକିନିଆ।''(୫୨)

ବାଥୁଡ଼ି ନାରୀ ବିବାହ ବନ୍ଧନରେ ବାନ୍ଧି ହୋଇଗଲେ, ପୂର୍ବର ଯୁବତୀ ସୁଲଭ ଗୁଣ ଲୋପ ପାଇଯାଏ। ଯୁବତୀଟିଏ ସାଙ୍ଗସାଥୀ ମିଶି ଢାଙ୍ଗୁଳି ବସାରେ ରହି ଅନେକ କଥା ଶିଖେ। କେତେ ଯାନିଯାତ୍ରା ଯାଏ, ମାତ୍ର ବାହା ହୋଇଗଲେ, ସେଇ ସ୍ୱାଧୀନତା ଲୋପ ପାଏ। ଏଭଳି କ୍ଷେତ୍ରରେ ଲୋକକବି କୁହେ -

''ଛଟା ସିଖିଥିନି ପଣେ
ଜେଁ ଦିନ ପାତେଲା ହାତରେ ଧଇଲା
ସବୁ ଗେଲା ଏଣେ ତେଣେ।''(୫୩)

ପ୍ରିୟ ପୁରୁଷକୁ ଆଉ କେହି ଚାହିଁବା, ସ୍ତ୍ରୀଟିଏ ପସନ୍ଦ କରେନା। ନିଜ ପ୍ରିୟ ପୁରୁଷ ବା ସ୍ୱାମୀ କେବଳ ତାକୁ ଦେଖୁ, ତାକୁ ପ୍ରେମ ଦେଉ। କେତେକ କ୍ଷେତ୍ରରେ ସ୍ତ୍ରୀଟିଏ ସନ୍ଦେହ କରେ। ଏଭଳି ସନ୍ଦେହୀ ସ୍ତ୍ରୀ କୁହେ –

ଏ ଟିକି ଟିକି କାଟି ଇଲିସି ସୁଖୁଆ
କା ପତରରେ ଦେବି
ରେ ଘଇତା କେ ମର କବାଟ କିଳି
ଚାଙ୍ଗୁ ନାଟ ଦେଖୁଥିବି।''(୫୪)

ବେଳେବେଳେ ମଣିଷ ଯାହା ଭାବେ, ତାହା ହୋଇ ପାରେନି। ସ୍ୱାଭାବିକ ଘଟଣା ବି ଅସ୍ୱାଭାବିକ ଘଟଣାରେ ପରିଣତ ହୁଏ। ଜଣକୁ ବ୍ୟଙ୍ଗ କରିବା ଆଳରେ ଆଉ ଜଣେ ବି ସେଥିରେ କ୍ଷତାକ୍ତ ହୋଇଯାଏ। ଏହି ଅସ୍ୱାଭାବିକ ଘଟଣା ଲକ୍ଷ୍ୟରେ ଲୋକ କବି କୁହେ।

''କଥା କଉ ମାରଙ୍ଗରେ ଗଲା
ଦୁବ ଗଛକେ ଚଳକ ମାଇଲା
ଦାରୁ ଗଛ ଫୁଡ଼ିଗଲା।''(୫୫)

ନିଜର ପ୍ରିୟ ଉଦ୍ଦେଶ୍ୟ ସାଧନ କରିବାକୁ ବ୍ୟକ୍ତି ବିଭିନ୍ନ ଉପାୟ ଅବଲମ୍ବନ କରେ। ସେହି ଉପାୟଗୁଡ଼ିକ ତାକୁ ସୁଖକର ଲାଗେ। ଏହି ଉପଲକ୍ଷ୍ୟରେ କୁହାଯାଇଛି –

''ଏ ହାଉଲେ ସୁକ ପାହୁଲେ
କୁକୁଳାକେ ଦେଲି ଚିଆଁ
ରେ ମୁଖ ଦରସନ ପାଇବି ବଲି
ମିଛେ ମାଗୁଥିନି ନିଆଁ।''(୫୬)

ବାଥୁଡ଼ି ସମାଜରେ ଚୋରା ପ୍ରୀତିର ଦୃଶ୍ୟ ଅନେକତ୍ର ଦେଖିବାକୁ ମିଳେ। ସେହି ଚୋରାପ୍ରୀତି କରିବା ଉପଲକ୍ଷ୍ୟରେ ଲୋକ କବି ଗାଏ –

''ରେ ଖକାରୁ ପତର ଆଉଁସୁ

ରେ ଖକାରୁ ପତର ଆଉଁସୁ
ରେ ଘଇତା କୁ ଦେଖି ହେର ପହଁର
ଦିଅରକେ ଦେଖି ହସୁ।''(୫୭)

ସାମାନ୍ୟ ଜିନିଷ ପାଇବା ଲୋଭରେ କୌଣସି ବଡ଼ ବସ୍ତୁ ହଜେଇ ଦେବା ବି ଅନେକତ୍ର ଦେଖିବାକୁ ମିଳେ। ଏଭଳି କ୍ଷେତ୍ରରେ ଅନୁତାପ କରିବା ସାର ହୁଏ। କେବଳ ଏହି ଉପଲକ୍ଷ୍ୟରେ ଲୋକ କବି କୁହେ –

''ରେ ଆମ ପାଇଁଗନି ଅଦା ବାଟରେ
ହଜାଇଲି ଗୁଡ଼ ମୁଦି
ସୁରୁସୁରୁ କରି ସୁତା କାଟୁଥିବି
ବୁଣି ଦେବି କଳା ସାଲ୍‌ହି।''(୫୮)

ସମୟର ପରିବର୍ତ୍ତନ ହେବା ଉପଲକ୍ଷେ ଲୋକ କବି ଢଗଢମାଳି ଖଞ୍ଜିଛି।

''ରେ କଳା ବାଇଁଗଣ ବହଳ ଚୁପା
କାଟିବାକେ ବଡ଼ ଦୁଖ
ନାଗରିକେ ଦେଖି ନାଗର ଠାରୁଛି
ଦିନେ ହେନେ ହେବ ସୁକ।''(୫୯)

ନିର୍ଲଜ ପୁରୁଷ ବ୍ୟକ୍ତି ପ୍ରତି ମଧ୍ୟ ଲୋକକବି ପଦ ଖଞ୍ଜୁଛି। ଯଥା:-

ଏ ଭାଜିନି ଭୁଜା କୁଲା ତଳେ ଗଲା ନାଗିରେ
ହିନ୍ ପୁରୁସକେ ନାଜ ନ ନାଗଇ
ନିତି ଖାଉଥାଉ ମାଗିରେ।''(୬୦)

ଯୁବତୀ ହୋଇ ଅତ୍ୟଧିକ ପ୍ରେମ କରିବା ଦୋଷାବହ। ସମାଜ ଦ୍ୱାରା ସେ ହୁଏତ ନିନ୍ଦା ଓ ଅପମାନ ପାଇପାରେ। ଏଭଳି ଯୁବତୀକୁ କେନ୍ଦ୍ରକରି ଲୋକ କବି କହିଛି –

''ରେ ଆର୍ ପାରିଆ କୁଦୁମ୍ ଗଛ
ବାହା ଖୁଲୁ ଖୁଲୁ ବହୁଛି ଜେ
ରେ ଢାଙ୍ଗୁଳି କାଳରେ ଏଡ଼ିକି ରସ
ତ ଦିନ କିମିତି ଜାଉଛି।''(୬୧)

ନାରୀଟିଏ ବୟସର ଆଧିକ୍ୟ ଥିଲେ ବି ତା'ଠାରୁ କମ୍ ବୟସର ପୁରୁଷ ପ୍ରତି ଆସକ୍ତି ହେବା ସମାଜରେ ମଧ୍ୟ ଦେଖାଯାଏ। ସେହି କମ୍ ବୟସର ଯୁବା ପ୍ରତି ନାରୀର ଉକ୍ତି ହେଉଛି -

''ମୁଇଁ ତ ଗାଗଲ ପତର
ତୁଇ ବାର ବଛରର୍ ଭେଣ୍ଡା
ତର୍ ମର୍ ପସା ଖେଳିବା ଗଙ୍ଗରା ଭିତର
ଗଙ୍ଗରା ଭିତରେ ଖଟ ପଲଙ୍କ ରେଞ୍ଚ ରେଞ୍ଚଉଛି
ଉଠ ଉଠ ମର ଟୁକା ଦିଅର ଜଙ୍ଗ ବଥଉଛି।''(୬୨)

ସାଧାରଣତଃ ସମସ୍ତେ ଦାୟିତ୍ୱ, କର୍ତ୍ତବ୍ୟ ଓ ଧୈର୍ଯ୍ୟଶୀଳ ବ୍ୟକ୍ତିକୁ ପସନ୍ଦ କରନ୍ତି। ମାତ୍ର ଏସବୁର ବ୍ୟତିକ୍ରମ ଘଟିଲେ, ତା' ମନରେ ଉକୁଟି ଉଠୁଥିବା ଉକ୍ତିଟି ତା' ଉଦ୍ଦେଶ୍ୟରେ ଢଗଢମାଳି କୁହେ -

''ପୁଖୁରି ଆଳେ ନିମ ଗଛଟା
ବାଆ ଖୁଲୁ ଖୁଲୁ ଦେଉଛି
ତୁଇ ତରେ ପିଲା ଛନ୍‌ମନିଆ
ତର୍ ସାତେ କିଏ ଜାଉଛି।''(୬୩)

ଶତ୍ରୁ ପ୍ରତି ଉଚିତ୍ ମୁକାବିଲା କରିବା ଉଦ୍ଦେଶ୍ୟରେ ଲୋକ କବି କୁହେ -

''ବନିଶି ନାଠି ନାଠି
ବନିଶି ନାଠି ଧୁଆଧଇ ହେନେ

ଦିଶଇ ବ୍ରାହ୍ମଣ ଘାଟି
ତୁଇ ଘଟକେଇ ନେନେ
ମୁଇଁ ଘଟକେଇ ନେବି
ତର୍ ଗାଧଣା ଘାଟରେ
ମଇଁଷି ଦପେଇ ଦେବି ।''(୬୪)

ପୁରୁଷ ପ୍ରତି ଆସକ୍ତି ଥିବା ନାରିଟି ପ୍ରେମର ପ୍ରତିଦାନ ପାଇପାରୁନି । ଯେଉଁଥିପାଇଁ ତା' ମନରେ କ୍ଷେଦକ୍ତ ପ୍ରକାଶିତ ହେଉଛି । ଲୋକକବି କହିଛି –

''ଏ ନୁଗା ଖାନି ନେଲା ଉଡ଼ାଇ
ଭରସି କରି କହି ନ ପାରସେ ଖଣ୍ଡଧୁର୍ ଗେଲୁ ଗୁଡ଼ାଇ
କାଠେ ଚୁନା, ତମ୍ ଦିନ୍‌କିଆ ନାରା ନଛନା
ପିଞ୍ଜିନି ବଣ, ଜାଣିଲି ତୁମ୍‌ହର ଛଟକ କଥା
ଆହୁରି ଅଛି ଆହୁରି ଅଛି
କୁଁସର ଭିତରେ ଚାହୁଁରି ଅଛି
ନାକ୍‌ଫୁଲି ଦେନି ଛାୟା
ହଁସା କରି ପିଲା କଥା ନ କୁହଇ
ପୁରୁସର କେତେ ମାୟା ।''(୬୫)

**ଢଗଢମାଳିର ଛନ୍ଦ**

୧) ''ପୁଖୁରି ଆଳେ ନିମ ଗଛଟା
ବାଆ ଖୁଲୁ ଖୁଲୁ ଦେଉଛି
ତୁଇ ତରେ ପିଲା ଛନ୍‌ମନିଆ
ତର୍ ସାତେ କିଏ ଜାଉଛି ।'' (ଊନବିଂଶାକ୍ଷର ଛନ୍ଦ)

୨) ''ଏ ଟିକି ଟିକି କାଟି ଇଲିସି ସୁଖୁଆ
କା ପତରରେ ଦେବି

ରେ ଘଇତାକେ ମର କବାଟ କିଳି
ଚାଙ୍ଗୁ ନାଟ ଦେଖୁଥିବି।''        (ବିଂଶାକ୍ଷର ଛନ୍ଦ)

**ଉପମା ପ୍ରୟୋଗ**

୧) ''ପୁଖୁରି ହିଡ଼ରେ ନିମ୍ବଗଛ ଖଣ୍ଡ
ବାଆ ଦୁଲୁ ଦୁଲୁ ବହୁଛି
ଅଡ ଲହସି ମୁରୁକି ହସା
ତ ଦିହ ବଲି ସହିଛି।''

୨) ''ରେ ଆର୍ ପାରିଆ କୁଦୁମ୍ ଗଛ
ବାଆ ଖୁଲୁ ଖୁଲୁ ବହୁଛି ଜେ
ରେ ଢାଙ୍ଗୁଳି କାଳରେ ଏଡ଼ିକି ରସ
ତ ଦିନ କିମିତି ଜାଉଛି।''

୩) ''ମୁଇଁ ତ ଗାଗଲ ପତର
ତୁଇ ବାର ବଛରର୍ ଭେଣ୍ଡା
ତର୍ ମର୍ ପସା ଖେଳିବା ଗଙ୍ଗରା ଭିତର
ଗଙ୍ଗରା ଭିରେ ଖଟ ପଲଙ୍କ ରେଞ୍ଚ ରେଞ୍ଚଉଛି
ଉଠ ଉଠ ମର୍ ଟୁକା ଦିଅର ଜଙ୍ଗ ବଥାଉଛି।''

# ନାଁ ଦିଆ

ନାଁ ଦିଆକୁ କେହି କେହି ଧନ୍ଦା, ପହଲି, ପ୍ରହେଳିକା, ବଖାନୀ, କୂଟପ୍ରଶ୍ନ ବା କୌତୁକ ପ୍ରଶ୍ନ ବୋଲି କହନ୍ତି। ପଶ୍ଚିମ ଓଡ଼ିଶାରେ ନାଁଦିଆକୁ 'ବଖାନି' ବୋଲି କହିଥା'ନ୍ତି। ଖାଦ୍ୟ ଘରକରଣା, ବସ୍ତୁ ବିଭିନ୍ନ ପ୍ରାଣୀ, ପ୍ରକୃତି, ଅଙ୍ଗପ୍ରତ୍ୟଙ୍ଗ ଓ ନାନା ବିଷୟକୁ ନେଇ ନାଁ ଦିଆ ପରିକଳ୍ପିତ ହୋଇଥାଏ। ବାଥୁଡ଼ି ସମାଜରେ ନାଁଦିଆକୁ ହିଁ ଲୋକେ ଢଗ ବୋଲି ବିବେଚନା କରନ୍ତି। ପୁଣି ଓଡ଼ିଆରେ ମଧ୍ୟ ଏ ସମ୍ପର୍କିତ ଏକ ନାଁଦିଆ ରହିଛି।

ଯଥା:-

''ଠଣା ଉପରେ ଠଣା
ଏଇ ଢଗଟା ଯିଏ ନ କହିବ
ତା' ବଅଁଶ ସାରା କଣା। (ଚାଲୁଣୀ)

ଶ୍ୟାମସୁନ୍ଦର ମହାପାତ୍ରଙ୍କ ମତରେ - ''ଅନ୍ତ୍ୟମେଳ, ଛନ୍ଦ, ଅନୁପ୍ରାସ, ବ୍ୟକ୍ତିତ୍ୱ ଆରୋପ, ରୂପକ ଓ ପ୍ରତୀକ ପରି କାବ୍ୟ କୌଶଳ ପ୍ରୟୋଗ ହୋଇଥାଏ। ଏଥିରେ ଛନ୍ଦସ୍ୱନ୍ଦତା ମେଳ ଓ ଅମେଳ। ଅମେଳରେ ଗଦ୍ୟ ପରି ନୁହେଁ କିମ୍ବା ମେଳରେ ନିର୍ଦ୍ଦିଷ୍ଟ ଶୃଙ୍ଖଳା ଆଶ୍ରିତ ନୁହେଁ।''(୬୬)

ଏଥିରେ ମଧ୍ୟ କେତୋଟି ଅଶ୍ଳୀଳ ପରି ନାଁଦିଆ ରହିଛି କିନ୍ତୁ ତା'ର ଭିତର ଅର୍ଥ ମନୋରମ ହୋଇଥାଏ। ଛନ୍ଦ, ଯତିପାତ, ଉପମା ରୂପକ ଓ ପ୍ରତୀକ ମାଧମରେ ଏହା ସମୃଦ୍ଧ ହୋଇଥାଏ। ଏ ସମ୍ପର୍କରେ କୁଞ୍ଜବିହାରୀ ଦାଶଙ୍କ ମତ ପ୍ରଣିଧାନ ଯୋଗ୍ୟ। ତାଙ୍କ ମତରେ - ''ଆମ ଦେଶରେ ବହୁ ଅଶ୍ଳୀଳ କାବ୍ୟ କବିତା, ଉପନ୍ୟାସ, ଗଳ୍ପ ଚଳୁଥିବା ବେଳେ, ମନ୍ଦିର ମାନଙ୍କରେ ଅଗଣିତ ଅଶ୍ଳୀଳ ମୂର୍ତ୍ତିର ପ୍ରଦର୍ଶନୀ ହୋଇଥିବାବେଳେ, ଅଶ୍ଳୀଳ ଢଗ ବା ନାଁ ଦିଆକୁ ବାଦ୍‌ଦେବା ଯୁକ୍ତିସଂଗତ ନୁହେଁ।''(୬୭) କାମ କରୁଥିବା ସମୟରେ କିମ୍ବା କାମ କରୁ ନଥିବା ସମୟରେ, ଗାଧୁଆ ତୁଠରେ ମାଛ ମାରିବାବେଳେ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହବେଳେ ଉତ୍ସବ ମନରେ ଉଙ୍କି ମାରୁଥିବା ନାଁଦିଆ ବାହାରି ପଡ଼େ। ଏଗୁଡ଼ିକ ଅପରର ବୁଦ୍ଧି ପରୀକ୍ଷା କରିବା ପାଇଁ ଉଦ୍ଦିଷ୍ଟ। ସେଇଥିରୁ ସେ କେତେ ବୁଦ୍ଧିମାନ ଜଣାପଡ଼ି ଯାଏ। ସାଧାରଣତଃ ପ୍ରଶ୍ନଗୁଡ଼ିକ ସଂକ୍ଷିପ୍ତ ଥିଲାବେଳେ ଉତ୍ତରଗୁଡ଼ିକ ଦୀର୍ଘ ହୁଏ,

ମାତ୍ର ନାଁଦିଆରେ ପ୍ରଶ୍ନ ଗୁଡ଼ିକ ଦୀର୍ଘ ଓ ଉତ୍ତରଗୁଡ଼ିକ ସଂକ୍ଷିପ୍ତ, ଗୋଟେ ଶବ୍ଦ ଭିତରେ ବା ଦୁଇ ତିନିଟି ଶବ୍ଦ ଭିତରେ ସୃଷ୍ଟି ହୋଇଥାଏ। ଯେ କୌଣସି ମୁହୂର୍ତ୍ତରେ ବୌଦ୍ଧିକ ପ୍ରଶ୍ନ ପଚାରି ଅପରକୁ ସାନ କରିବାକୁ ବଡ଼ିମା ଦେଖାଏ। ଏହି ନାଁଦିଆ ଗୁଡ଼ିକ ଓଡ଼ିଆ ଭାଷାରେ ବହୁଳ ପରିମାଣରେ ରହିଛି।

ଯଥା:-

୧) ଅସନ ସୂତା, ସରୁ ପଇତା
ଛେଚିଲେ ଶୁଣଇ ନାହିଁ
ଖାଇ ଦେଉଥିଲେ ବୋହି ପଡୁଥାଇ
ସଂସାର ଭିତରେ ନାହିଁ। (କୁଆ ପଥର)

୨) ଆଦ୍ୟ ଅବତାରେ ମୁଣ୍ଡରେ ଟୋପି
କୃଷ୍ଣ ଅବତାରେ ମୋହିଲେ ଗୋପି
ରାମ ଅବତାରେ ରାବଣ ମାରି
ଆଜି ହୋଇଛି ସେହି ତରକାରୀ (ଜହ୍ନି)

୩) କୃପଣ ନୁହଁଇ ସଞ୍ଚଇ ଧନ
ଚୋର ନୁହେଁ ହରେ ପରର ଧନ
ସକଳ କାଟଇ ଅସ୍ତ୍ର ନୁହଁଇ
ମୁନି ନୁହେଁ ସେ ଅମୃତ ଝରେ। (ମୂଷା)

ନାଁ ଦିଆର ଶୈଳୀ ଦୃଷ୍ଟିରୁ କେତେକ ମେଳ ଓ ଅମେଳ ଛନ୍ଦ ପୁଣି ବିସ୍ମୟାତ୍ମକ ସମୋଚ୍ଚାରିତ ଶବ୍ଦକୁ ନେଇ ସୃଷ୍ଟି ହୋଇଥାଏ ତଥା ରୂପକର ଘନିଷ୍ଠ ସମ୍ପର୍କ ସହ ପର୍ଯ୍ୟବେସିତ । ଏହା ବାଦ୍ ସଙ୍ଗତ ଓ ଅସଙ୍ଗତିର ଚିନ୍ତାରୁ ନାଁଦିଆରେ ସୃଷ୍ଟି ବୋଲି ଗବେଷକମାନେ ମତ ଦିଅନ୍ତି। କିନ୍ତୁ ସଭ୍ୟତାର ବିକାଶ ସହିତ ମଣିଷର ମାନସିକତାର ବିକାଶ ହେଲା। ସେ ସମାଜ ଗଠନ କଲା। ସମାଜରେ ଏକତ୍ରିତ ରହି ନାନା ପ୍ରକାରର ହାସ୍ୟ, କଳରବ କରୁ କରୁ ତା' ମନରେ ନାଁଦିଆ ପରି ପ୍ରଶ୍ନ ପଚାରି ବୁଦ୍ଧି ମାପିଲା। ଯିଏ ନ କହି ପାରିଲା, ସେ ନିଜକୁ ନ୍ୟୁନ ମନେ କଲା। ସେ ପୁଣି ଚେଷ୍ଟା କଲା

ନାଁଦିଆ ସୃଷ୍ଟି କରି ତାକୁ ନ୍ୟୁନ କରିବ। ଏହିପରି ଭାବେ ନାଁଦିଆର ସୃଷ୍ଟି ହୋଇ ଆଜି ପର୍ଯ୍ୟନ୍ତ ସମାଜରେ ପ୍ରଚଳିତ ହୋଇ ଆସୁଛି। ଲୋକସାହିତ୍ୟର ଅନ୍ୟାନ୍ୟ ବିଭାଗପରି ନାଁଦିଆ ମଧ୍ୟ ଭୌଗୋଳିକ ସୀମାକୁ ଅତିକ୍ରମ କରିଯାଇଛି, ଫଳରେ ତାହା ମଧ୍ୟ କାହାର ସୃଷ୍ଟି କହିବା ସମ୍ଭବ ନୁହେଁ।

ବାଥୁଡ଼ି ପ୍ରବଣ ଅଞ୍ଚଳରେ ପ୍ରଚଳିତ ନାଁଦିଆ ଗୁଡ଼ିକ ଉଚ୍ଚାରଣ ଦୃଷ୍ଟିରୁ ପୃଥକ ମନେ ହୁଏ, ନଚେତ୍ ପ୍ରାୟ ସବୁ ନାଁଦିଆ ପରି ଏହାର ଗଠନ ଶୈଳୀ ସମାନ। ବାଥୁଡ଼ି ପରିଶ୍ରମ କରି ଘରକୁ ଫେରେ, ପରିଶ୍ରମ କଲାବେଳେ ବିଲକାମ, ବିଲବଛା, ରୁଆ ବିହିଡ଼ା, ଜଙ୍ଗଲକୁ ଯାଇ ବାଥୁଡ଼ି ନାରୀ ଛତୁ, କାଠ ପତ୍ର ସଂଗ୍ରହବେଳେ, ଧାନ କୁଟିବା, କାଟିବା ବେଳେ, ଶାଗ ପତ୍ରରେ ଚଉପଦି ଓ ଖଲି ସିଲେଇବାବେଳେ, ଭେଣ୍ଡିଆ ଓ ଢାଙ୍ଗୁଳି ବସାରେ ଶୋଇଲାବେଳେ, କୌଣସି ଯାନିଯାତ୍ରା ଉତ୍ସବକୁ ଦେଖିବାକୁ ଗଲାବେଳେ ଶ୍ରମ ଲାଘବ ପାଇଁ ବାଥୁଡ଼ି ଅନ୍ୟାନ୍ୟ ବିଭାଗର ଲୋକସାହିତ୍ୟ କହିଲା ପରି ନାଁଦିଆକୁ କହେ। ଜଣେ ନାଁଦିଆ ପଚାରିଦେଲେ ଆଉ ସମସ୍ତେ ତା'ର ଉତ୍ତର ଖୋଜିବାରେ ଲାଗି ପଡ଼ନ୍ତି। ବେଳେବେଳେ ଏହି ନାଁଦିଆକୁ ନେଇ ପ୍ରତିଯୋଗିତା ପୂର୍ଣ୍ଣଭାବେ ହୋଇ ବାଜି ମରାମରି ସ୍ତରକୁ ମଧ୍ୟ ଉନ୍ନତି ହୋଇଥାଏ।

ନାଁ ଦିଆଗୁଡ଼ିକ ପ୍ରାଚୀନ କାଳରୁ ଚାଲି ଆସି ମଣିଷର ଚିନ୍ତାଚେତନାରେ ଲିପିବଦ୍ଧ ରହିଛି। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହାଭାରତରେ ମଧ୍ୟ କବି ନାଁ ଦିଆକୁ ସ୍ଥାନିତ କରିବାକୁ ଭୁଲି ନାହାନ୍ତି। ଯୁଧିଷ୍ଠିର ଓ ଯକ୍ଷଙ୍କ ପ୍ରଶ୍ନ ଉତ୍ତର ଗୁଡ଼ିକୁ ନାଁଦିଆରେ ପ୍ରାଥମିକ ପର୍ଯ୍ୟାୟର କହିଲେ ଅତ୍ୟୁକ୍ତି ହେବନାହିଁ। ଯଥା:-

ଯକ୍ଷ - ଯଶଲାଭର ଏକମାତ୍ର ଉପାୟ କ'ଣ ?

ଯୁଧିଷ୍ଠିର- ଦାନ

ଯକ୍ଷ - ପବନଠୁ ବି ଅଧିକ ବେଗବାନ କିଏ ?

ଯୁଧିଷ୍ଠିର - ମନ

ଯକ୍ଷ - ବିଦେଶ ଯାଉଥିବା ବ୍ୟକ୍ତିର ଆବଶ୍ୟକତା କ'ଣ ?

ଯୁଧିଷ୍ଠିର - ବିଦ୍ୟା

ଏହିପରି ଭାବେ ନାଁଦିଆ ଗୁଡ଼ିକ ମହାଭାରତରେ ଦେଖାଯାଇଛି । ବାଥୁଡ଼ି ନାଁ ଦିଆଗୁଡ଼ିକରେ ଭାଷା ଦୃଷ୍ଟିରୁ ବା ଉଚ୍ଚାରଣ ଦୃଷ୍ଟିରୁ ଭିନ୍ନ ହୋଇଥାଏ ।

ବିରୋଧାତ୍ମକ ନାଁ ଦିଆଗୁଡ଼ିକ ପରସ୍ପର ବିରୋଧୀ ଦୁଇଟି ସମାନ୍ତରାଳ ସଂରଚନା ଦ୍ୱାରା ଦୃଷ୍ଟିଗୋଚର ହୁଏ ।

ବିରୋଧାତ୍ମକ ସହ ବିସ୍ମୟାତ୍ମକ ହୋଇ କେତେକ ନାଁଦିଆ ସୃଷ୍ଟି । ଯଥା:-

୧) ଭୂଇଁରୁ ବାହାରିଲା ହାତେ
ପୁଅର ମୁଣ୍ଡରୁ ଚୁଟି ପାଚିଲା
ବାପର ବୟସ କେତେ ? (ମକା)

୨) ବେଲାଟି ଉପରେ ବେଲା
କଉ ଦେବତାରେ ପିଚାରେ ପୁଜା
ଇଆର ଅରଥ ବୁଝା । (ପାଇ, ପୋଇଲା)

୩) ତା'ରେ ମା' ଝାମ୍ପୁଡ଼ିମୁଣ୍ଡି
ତା'ରେ ଝିଅଟା ରତେଇ ତୁଣ୍ଡି । (ଲଙ୍କା)

୪) ନାଲିଆ ମୁଣ୍ଡିଆ ହାଟକୁ ଯାଏ
ବିନା ଦୁସରେ ମାଡ଼ ଖାଏ । (ହାଣ୍ଡି)

୫) ପତର ପତର ସାତ ପତର
ଆହୁରି ପତର
ଅଜା ଆଇଙ୍କର ଜନମ ନାହିଁ
ମା'ଥିଲା ପେଟରେ
ଛୁଆ ଖେଳୁଛି ବାଟରେ । (ଛାରପୋକ)

୬) ରାତି ଚେପେଟା
ଦିନ୍‌ରେ ଘୁଟା । (ପାଟିଆ)

୭)   କେଂଚା ନୁତୁପୁତୁ

ପାଚିନେ ନିଦା। (ହାଣ୍ଡି)

୮)   ଜନ୍ତୁ ମାରିଗନି କୁଳିଏ

ଜଣକୁ ମାଇନି ଜୁଳିଏ

ସବୁକୁ ହେଲା ଫଳିଏ ଫଳିଏ (କଂକଡ଼ା)

୯)   ଯେତେ ଖାଆଇ, ସେତେ ଚାଲଇ

ଖାଇବା ସରିଗନେ ନାଇ ଚାଲି ପାରଇ। (ଗାଡ଼ି)

୧୦)   ଜିବକୁ ଅଜିବ ଡାଙ୍କିଲା

ଜିବ ହେଲା ଛଟପଟ

ଜିବର ତାଲୁରେ ବାଟ (ପଲୁହ)

୧୧)   ସଲଖ ସୁନ୍ଦର ଭେଣ୍ଡିଆଟା

ହାତ ଗୁଡ଼ ନାହିଁ ଖଣ୍ଡିଆଟା (ପାହାରୁଣି)

୧୨)   ଉହ୍ଲେଇ ଉଠେଇ ଢେମେଣା ସାପ

ନାହିଁ କହିନେ ମେଣ୍ଢା ବାପ। (ଢେଙ୍କି)

୧୩)   ରେଂଜାଳିଆ ଗଙ୍ଗେଇ

ପେଟ ବାଟେ ଛୁଆ ଧରିକରି

ପିଠି ବାଟେ ରଙ୍ଗେଇ। (ଡଙ୍ଗା)

୧୪)   ଆମର୍ ଗୁଟେ ନାଲିଆ ଗାଇ

ନାଞ୍ଜି କଲେ ପାଣି ଖାଇ। (ଡିବି)

୧୫)   ଆଗିଲାବାଟେ ଖାଆଇ

ପଛବାଟେ ଚାଲଇ। (ବଳ)

୧୬)   ଆଠଗୁଡ଼ ଗୁଟେ ନାଂଜ

ତିନି ମୁଣ୍ଡ। (ମଲା ବଳଦକୁ ଦୁଇ ଜଣ ବୋହିକି ନେବା)[୬୮]

ସମୋଚ୍ଚାରିତ ଶବ୍ଦକୁ ନେଇ କେତେକ ନାଁଦିଆ ସୃଷ୍ଟି । ଯଥା:-

୧) ଆସିଲା କାଳିଦାସ ପଚାରିଲା ମକେ
୧୨ରୁ ୩୦ ଗନେ ଆଉ ରହିବ କେତେ ?
(୧ବର୍ଷ - ୧୨ ମାସ, ରହିବ ୧୧ ମାସ)

୨) ଚାରଣି ଆଠଣି ନଅଟା
ଟଙ୍କା ହେବ କେତେଟା ? (୩ ଟଙ୍କା)

୩) କୁଳିଏ ଟଙ୍କାରେ ଜିନିଷ ଧରିକରି ଗଲି
ଘରର ବରାଦ ଦେନେଇ
ଥାଳି ଗୁଟି ଦେଲି ଚାରଣା
ବେଲା ଗୁଟି ଦେଲି ଟଙ୍କେ
ଛେଳି ଗୁଟି ଦେଲି ତିନି ଟଙ୍କା
କୁଳିଏ ଟଙ୍କାରେ କୁଳିଏଟା ଜିନିଷ
କୁଳିଏ ଟଙ୍କା ବି ସରିବ ? (ଥାଳି ୮ଟି = ୨ଟଙ୍କା
ଛେଳି ୩ଟି = ୯ ଟଙ୍କା
ବେଲା ୯ଟି = ୯ ଟଙ୍କା)[୬୯]

ଅଶ୍ଳୀଳ ମନେ ହେଉଥିବା ନାଁଦିଆ ମଧ୍ୟ ବାଥୁଡ଼ି ସମାଜରେ ପ୍ରଚଳିତ, ଯେଉଁଥିରେ ତା'ଭିତର ଅର୍ଥ ଅଶ୍ଳୀଳ ନୁହେଁ ଯଥା:-

୧) ଗନ୍ଥା ବିଛା, ପାଟିଆ ବିଛା
ମାର୍ ପିଲା ମନଇଛା । (ଆଇରନ୍)

୨) ଠିଆ ଠିଆ ଥରେ ଦୁଇଥର
ଶୁଇକରି ମନଇଛା । (ଶିଳ ଓ ଶିଳପୁଆରେ ହଳଦି ଛେଚି ବାଟିବା)[୭୦]

ନାଁ ଦିଆଗୁଡ଼ିକ ବି ରୂପକ ଓ ଉପମାଦ୍ୱାରା ପରିପୁଷ୍ଟ । ଯଥାः-

୧)  ବୁଣିଲି କୁଳୁଥ ଉଠିଲା ବିରି
ଫଳ ଫଳିଲା ବେଲ
ପଣ୍ଡିତକୁ କହିନେ
ଛଅ ମାସ ବୁଝିଲା
ମୁର୍ଖ ବୁଝିଲା ଗେହ୍ଲା । (ବାଇଗଣ)[୭୧]

ଏକ ଚରଣ ବିଶିଷ୍ଟ ନାଁ ଦିଆ –

୧)  ଟାଙ୍ଗରର ପୁଅ ଭୁରୁଭୁସି । (ଅଣ୍ଡା)

୨)  ଏ ମା' ମକେ ନେଇ ଯା' । (କବାଟ)

୩)  ଡେଙ୍ଗା ମାମୁଁର ପିଚାରେ କଣା । (ଶିକା)

୪)  ଗୁଟେ ଖୁଣ୍ଟରେ ଗୁଟେ ଘର । (ଛତା)

ପୂର୍ଣ୍ଣ ଭାବରେ ଅଭିବ୍ୟକ୍ତି ହୋଇଥିବା ନାଁ ଦିଆ –

୧)  ରାମ ନୀତା
ଫଳ ମଧୁର, ପତର ପିତା । (ଆତ)

କିଛି ନାଁଦିଆ ଢଗଢମାଳି ପରି ପ୍ରତ୍ୟୟମାନ ହୁଏ । ଯଥାः-

୧)  ଢକ ଟଙ୍କା
ନମ ନକା
ମାଡ଼ିବେ କିରେ ମକେ
ଦେଖି ଚାହିଁନି ଛେପିରି ନାକି
ଦେଖି ସାଇଲିନି ତତେ । (ହାତୀ)

୨) ସିଲେଇ ନଉଥିବା କାଣୀ

ରାଜା ନ ଥିବା ରାଣୀ

ଆଖି ଥାଉଁ ଥାଉଁ କାଣୀ (ଖେସୁ କିମ୍ବା ବ୍ରଣ)

୩) ଆଙ୍କୁଳା ବାଙ୍କୁଳା କାହିଁକି

ତମକୁ ନେବା ପାଇଁକି

ମଝିରେ ଜଣକ କାହିଁକି ନା

ଗୁଁସିଆ ଜାଣିବ କାହିଁକି

ମତେ ନେବାର ପାଇଁକି

ହାଇ ଟିଙ୍କି ଟିଙ୍କି ନାହିଁ କି ? (ବନିସି କଂଟା, ମାଛ)[୭୨]

---୦---

# ପ୍ରାନ୍ତଟୀକା

୧) ପଟ୍ଟନାୟକ, କୈଳାଶ, 'ଲୋକସାହିତ୍ୟ ଚର୍ଚ୍ଚା' କଟକ ଟ୍ରେଡ଼ିଂ କମ୍ପାନୀ, ବାଲୁବଜାର, କଟକ, ୨ୟ ସଂ-୧୯୯୬, ପୃ-୧୨୩।

୨) ସାମନ୍ତରାୟ, ନଟବର, 'ଓଡ଼ିଆ ପଲ୍ଲୀ ସାହିତ୍ୟ', ପ୍ରକାଶକ ଗନ୍ଧର୍ବ ଶତପଥୀ, ବଡ଼ଦାଣ୍ଡ ସାହି, ଭୁବନେଶ୍ୱର, ୧ମ ପ୍ରକାଶ - ୧୯୭୦, ପୃ-୪୧।

୩) ମହାପାତ୍ର, ଶ୍ୟାମସୁନ୍ଦର, 'ଲୋକସାହିତ୍ୟ ତତ୍ତ୍ୱ', ଓଡ଼ିଶା ବୁକ୍ ଷ୍ଟୋର ବିନୋଦବିହାରୀ, କଟକ ୨ୟ ସଂ - ୨୦୧୧, ପୃ - ୮୮।

୪) ନାଏକ, ସଇତି, ଗ୍ରାମ ଦୁବେଇ ପେଣ୍ଠ।

୫) ତତ୍ରୈବ।

୬) ତତ୍ରୈବ।

୭) ତତ୍ରୈବ।

୮) ତତ୍ରୈବ।

୯) ତତ୍ରୈବ।

୧୦) ତତ୍ରୈବ।

୧୧) ତତ୍ରୈବ।

୧୨) ତତ୍ରୈବ।

୧୩) ତତ୍ରୈବ।

୧୪) ତତ୍ରୈବ।

୧୫) ତତ୍ରୈବ।

୧୬) ତତ୍ରୈବ।

୧୭) ତତ୍ରୈବ।

୧୮) ତତ୍ରୈବ।

୧୯) ନାଏକ, ରୁଇତ, ଗ୍ରାମ ମାଟିଆଗୁନି

୨୦) ତତ୍ରୈବ।

୨୧) ତତ୍ରୈବ।

୨୨) ତତ୍ରୈବ।

୨୩) ତତ୍ରୈବ।

୨୪) ତତ୍ରୈବ।

୨୫) ତତ୍ରୈବ।

୨୬) ତତ୍ରୈବ।

୨୭) ଖଣ୍ଡେଇ, ସ୍ୱପ୍ନା, ଗ୍ରାମ - ପାଟବିଲ୍

୨୮) ତତ୍ରୈବ।

୨୯) ତତ୍ରୈବ।

୩୦) ତତ୍ରୈବ।

୩୧) ତତ୍ରୈବ।

୩୨) ତତ୍ରୈବ।

୩୩) ତତ୍ରୈବ।

୩୪) ନାଏକ, ଅନାମ, ଗ୍ରାମ - କପଣ୍ଡ

୩୫) ତତ୍ରୈବ।

୩୬)  ତତ୍ରୈବ।

୩୭)  ତତ୍ରୈବ।

୩୮)  ତତ୍ରୈବ।

୩୯)  ତତ୍ରୈବ।

୪୦)  ତତ୍ରୈବ।

୪୧)  ତତ୍ରୈବ।

୪୨)  ତତ୍ରୈବ।

୪୩)  ତତ୍ରୈବ।

୪୪)  ଦାଶ, କୁଞ୍ଜବିହାରୀ, 'ଓଡ଼ିଆ ଢଗଢମାଳି ଏକ ଅଧ୍ୟୟନ' ଲୋକବାଣୀ ସଞ୍ଚୟନ - ୧ମ ଭାଗ, ପ୍ରକାଶ - ୧୯୭୩, ପୃ - ୨।

୪୫)  ପ୍ରହରାଜ, ଗୋପାଳଚନ୍ଦ୍ର, 'ଢଗଢମାଳି ବଚନ', କଟକ, ଟ୍ରେଡିଂ କମ୍ପାନୀ, କଟକ, ପ୍ରକାଶ - ୧୯୨୭, ପୃ - ୨୫।

୪୬)  ଦାଶ, କୁଞ୍ଜବିହାରୀ, 'ଲୋକବାଣୀ ସଞ୍ଚୟନ' - ୧ମ ଭାଗ, ପୃ - ୨୪।

୪୭)  ନାଏକ, ନେଉଳ, ଗ୍ରାମ, ଦୁବେଇ ପେଣ୍ଠ

୪୮)  ତତ୍ରୈବ।

୪୯)  ତତ୍ରୈବ।

୫୦)  ମଡ଼େଇ, କଇଥ, ଗ୍ରାମ - ଅଖାପଲାଣ

୫୧)  ତତ୍ରୈବ।

୫୨)  ତତ୍ରୈବ।

୫୩)  ତତ୍ରୈବ।

୫୪)  ତତ୍ରୈବ।

୫୫) ତତ୍ରୈବ।

୫୬) ତତ୍ରୈବ।

୫୭) ତତ୍ରୈବ।

୫୮) ନାଏକ, କୁମୁଦିନୀ, ଗ୍ରାମ - ଗଡ଼ସାହି, କରଞ୍ଜିଆ

୫୯) ତତ୍ରୈବ।

୬୦) ତତ୍ରୈବ।

୬୧) ତତ୍ରୈବ।

୬୨) ତତ୍ରୈବ।

୬୩) ତତ୍ରୈବ।

୬୪) ତତ୍ରୈବ।

୬୫) ତତ୍ରୈବ।

୬୬) ମହାପାତ୍ର, ଶ୍ୟାମ ସୁନ୍ଦର, 'ଲୋକ ସାହିତ୍ୟ ତତ୍ତ୍ୱ', ଓଡ଼ିଶା ବୁକ୍ ଷ୍ଟୋର, ପୃ -୫୬।

୬୭) ଦାଶ, କୁଞ୍ଜ ବିହାରୀ, 'ଲୋକବାଣୀ ସଞ୍ଚୟନ' ୧ମ ଭାଗ, ପୃ - ୧୨।

୬୮) ନାଏକ, ଶୁକ, ଗ୍ରାମ - ଦୁବେଇ ପେଣ୍ଠ

୬୯) ତତ୍ରୈବ।

୭୦) ତତ୍ରୈବ।

୭୧) ତତ୍ରୈବ।

୭୨) ତତ୍ରୈବ।